

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୮ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 April 2026
Vol.No. 36 ■ No.93 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଉଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## କାଶ୍ମୀରରେ ବଡ଼ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାସ୍: ୧୬ ବର୍ଷ ଧରି ଫେରାର ଆତଙ୍କବାଦୀ ଅବୁ ହୁରେରା ସମେତ ୫ ଗିରଫ



ନୂଆଦିଲ୍ଲୀ,୦୭/୪ : ଜମ୍ମୁ କାଶ୍ମୀର ପୁଲିସ ଲସ୍କର-ଏ-ତୈବାର ଏକ ଆନ୍ତଃରାଜ୍ୟ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାସ୍ କରିଛି। ଅପରେସନ ସମୟରେ ଶ୍ରୀନଗରରେ ଅବଦୁଲ୍ଲା ଓରଫ ଆବୁ ହୁରେରା ସମେତ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଅବଦୁଲ୍ଲା ଗତ ୧୬ ବର୍ଷ ଧରି ଫେରାର ଥିଲା ଏବଂ ଜମ୍ମୁ କାଶ୍ମୀର ବାହାରେ ସଂଗଠନ ପାଇଁ ଶିବିର ସ୍ଥାପନ କରିବାରେ ସକ୍ରିୟ ଥିଲା। ପୁଲିସର ସୂଚନା ଅନୁଯାୟୀ, ଏହି ଅପରେସନରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ଉସମାନ ଓରଫ ବହୁତାଇବଙ୍କୁ ମଧ୍ୟ ଗିରଫ କରାଯାଇଛି। ଅପରେସନ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ସହଯୋଗରେ କରାଯାଇଥିଲା। ଜମ୍ମୁ ଏବଂ କାଶ୍ମୀର, ରାଜସ୍ଥାନ ଏବଂ ହରିୟାଣା ସମେତ ୧୯ଟି ସ୍ଥାନରେ ଚଢାଉ କରାଯାଇ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ବହୁ ଆପରାଧିକ ସାମଗ୍ରୀ ଜବତ କରିଛନ୍ତି। ତଦନ୍ତରୁ ଜଣାପଡିଛି ଯେ, ଏହି ନେଟୱାର୍କ ଆତଙ୍କବାଦୀମାନଙ୍କୁ ଲଜିଷ୍ଟିକ୍ସ, ଆଶ୍ରୟ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଉଥିଲା। ଗିରଫ ପାଞ୍ଚ ଜଣଙ୍କ ମଧ୍ୟରୁ ତିନି ଜଣ ଶ୍ରୀନଗରର ବାସିନ୍ଦା। ସେମାନଙ୍କୁ ମହମ୍ମଦ ନକିବ ଭଟ୍, ଆଦିଲ ରସିଦ ଭଟ୍ ଏବଂ ଗୁଲାମ ମହମ୍ମଦ ମୀର ଓରଫ ମାମା ଭାବେ ଚିହ୍ନଟ କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ, ଜଣେ ବିଦେଶୀ ଆତଙ୍କବାଦୀ ଜାଲ୍ କାଗଜପତ୍ର ବ୍ୟବହାର କରି ଭାରତ ବାହାରକୁ ସଫଳତାର ସହ ଯାତ୍ରା କରିଥିଲେ। ଆତଙ୍କବାଦୀଜଣକ ପ୍ରାୟ ୧୬ ବର୍ଷ ପୂର୍ବେ ଭାରତରେ ଅନୁପ୍ରବେଶ କରିଥିଲେ ଏବଂ ଏହି ସମୟ ମଧ୍ୟରେ କାଶ୍ମୀର ଉପତ୍ୟକାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରୁଥିଲେ। ସୁରକ୍ଷା ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଏହି ନେଟୱାର୍କ ବର୍ଷ ବର୍ଷ ଧରି ପ୍ରାୟ ୪୦ ଜଣ ବିଦେଶୀ ଆତଙ୍କବାଦୀଙ୍କୁ ପରିଚାଳନା ଏବଂ ନେତୃତ୍ୱ ଦେଇଛି, ଯାହାଙ୍କ ମଧ୍ୟରୁ ଅଧିକାଂଶ ପରେ ସୁରକ୍ଷା ବାହିନୀ ଦ୍ୱାରା ଏନକାଉଣ୍ଟରରେ ନିହତ ହୋଇଥିଲେ।

## ରକେଟ୍ ଆଟାକ ପରେ ମଣିପୁରରେ ଭୟଙ୍କର ପୋଡ଼ାଜଳା: ଇଣ୍ଟରନେଟ ବନ୍ଦ, ଲାଗିଲା କର୍ଫ୍ୟୁ



ନୂଆଦିଲ୍ଲୀ,୦୭/୪ : ପୁଣି ଅଶାନ୍ତ ହୋଇପଡ଼ିଛି ମଣିପୁର। ବ୍ୟାପକ ପୋଡ଼ାଜଳା ଓ ବିକ୍ଷୋଭ ଯୋଗୁ ମଣିପୁରର କ୍ଷମତାସୀନ ବିଜେପି ସରକାର ଆସନ୍ତା ୩ ଦିନ ପାଇଁ ରାଜ୍ୟର ୫ଟି ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରି ଦେଇଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ କର୍ଫ୍ୟୁ ଲାଗୁ କରିଛନ୍ତି। ରକେଟ ଆଟକାରେ ୨ ଜଣ ଛୋଟ ପିଲାଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମା' ଆହତ ହୋଇଛନ୍ତି। ସେହିପରି ଏହା ବିରୋଧରେ ଆଜି ବିକ୍ଷୋଭ ଚାଲିଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି କାରଣରୁ ମଣିପୁରର ବିଭିନ୍ନ ସ୍ଥାନରେ ସାନି ବିକ୍ଷୋଭ ଓ ପୋଡ଼ାଜଳା ଦେଖାଯାଇଛି। ବିକ୍ଷୋଭକାରୀମାନେ ଏକାଧିକ ତେଲ ବୋଝେଇ ଗାଡ଼ିରେ ନିଆଁ ଲଗାଇ ଦେବାରୁ ସ୍ଥିତି ଅଣାୟାଉ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ୩ ଦିନ ପାଇଁ ଇମ୍ଫାଲ ଇଷ୍ଟ, ଇମ୍ଫାଲ ୱେଷ୍ଟ, ଥୌବାଲ, କାକଚିଙ୍ଗ ଓ ବିଷ୍ଣୁପୁର ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବାତିଲ କରି ଦେଇଛନ୍ତି। ବିଭ୍ରାନ୍ତିକର ଖବର ଓ ମିଥ୍ୟାର ପ୍ରଚାର ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟୟ ହେବାର ଆଶଙ୍କା ଥିବାରୁ ଇଣ୍ଟରନେଟକୁ ବନ୍ଦ କରିବା ଜରୁରୀ ଥିଲା ବୋଲି ପ୍ରଶାସନ କହିଛି। ମଙ୍ଗଳବାର ମଧ୍ୟରାତ୍ର ପରେ ବିଷ୍ଣୁପୁରରେ ହିଁ ରକେଟ ଆଟାକ ହୋଇଥିଲା। ଏଥିଯୋଗୁ ସେଠାରେ କର୍ଫ୍ୟୁ ଲାଗୁ କରାଯାଇଛି। ସୁରକ୍ଷାକର୍ମୀମାନେ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରି ସ୍ଥିତିର ଅନୁଧ୍ୟାନ କରୁଛନ୍ତି। ପ୍ରଶାସନର କହିବା କଥା ଯେ ମଧ୍ୟରାତ୍ର ପରେ ସନ୍ଦିଗ୍ଧ ଆତଙ୍କବାଦୀମାନେ ମୋଇରଙ୍ଗରେ ଥିବା ଟ୍ରୋଙ୍ଗଲାଓବି ଆୱଙ୍ଗ ଲେଇକାଇ ଗାଁରେ ରକେଟ ଆଟକା କରିଥିଲେ। ଏଥିରେ ଜଣେ ୫ ବର୍ଷର ପୁଅ ଓ ଜଣେ ୬ ମାସର ଝିଅ ପ୍ରାଣ ହରାଇଛନ୍ତି। ଉଭୟଙ୍କ ମା' ଆକ୍ରମଣରେ ଆହତ ହୋଇଛନ୍ତି। ◆◆ପୃଷ୍ଠା ୭

## ଆସାମରେ ଭୂକମ୍ପ: ରିକ୍ଟର ସ୍କେଲରେ ୪.୮ ତୀବ୍ରତା, ଲୋକଙ୍କୁ ଘରୁ ସ୍ଥାନାନ୍ତରିତ

ନୂଆଦିଲ୍ଲୀ,୦୭/୪ : ମଙ୍ଗଳବାର ଅପରାହ୍ନରେ ଆସାମରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଅପରାହ୍ନ ୨:୧୮:୩୧ ରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ଭାରତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଭୂମିକମ୍ପର ମାପ ରିକ୍ଟର ସ୍କେଲରେ ୪.୮ ଥିଲା। ଏହାର କେନ୍ଦ୍ରସ୍ଥଳ ଆସାମର ହାଇଲାକାଣ୍ଡି ଜିଲ୍ଲାରେ ଭୂତଳରୁ ପ୍ରାୟ ୫ କିଲୋମିଟର ଗଭୀରତାରେ ଅବସ୍ଥିତ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ୨୪.୮୨୩ ଉତର ଅକ୍ଷାଂଶ ଏବଂ ୯୨.୬୩୪ ପୂର୍ବ ଦ୍ରାଘିମାରେ ରେକର୍ଡ କରାଯାଇଛି। ଭୂମିକମ୍ପ ଅନୁଭବ କରିବା ମାତ୍ରେ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ। ତଥାପି, ଏହା ଆଶ୍ୱସ୍ତିର ବିଷୟ ଯେ ବର୍ତ୍ତମାନ କୌଣସି ଜୀବନ କିମ୍ବା ସମ୍ପତି କ୍ଷୟକ୍ଷତିର ରିପୋର୍ଟ ନାହିଁ। ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଏବଂ ଲୋକଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

## କଡ଼ ଲେଉଟାଇବ ରାଜ୍ୟ ରାଜନୀତି: ନବୀନଙ୍କୁ ଟକ୍କର ଦେବେ ବିଜୁ ପ୍ରେମୀ





ନୂଆଦିଲ୍ଲୀ,୦୭/୪ : ନବୀନଙ୍କୁ ଚେକମେଟ୍ ଦେବାକୁ ଏକଜୁଟ୍ ହେଲେଣି ପୁରୁଖା ବିଜୁ ପ୍ରେମୀ। ସୁଯୋଗ ଖୋଜୁଥିଲେ, ଏବେ ମଉକା ମିଳିଛି । ରାଜ୍ୟସଭା ନିର୍ବାଚନରେ ବିଜୁ ଲିଗାସୀ ନାରା ଦେଇ ନବୀନଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ । ଏବେ ବିଜୁ ଲିଗାସୀକୁ ଆଗକୁ ନେବା ପାଇଁ ବିଜୁଙ୍କ ଶ୍ରାଦ୍ଧ ଦିବସକୁ ଆୟୁଧ କରିବାକୁ ଯୋଜନା କରିଛନ୍ତି । କଡ଼ ଲେଉଟାଇବ ରାଜ୍ୟ ରାଜନୀତି । ରାଜ୍ୟସଭା ନିର୍ବାଚନ ପରେ ଏଭଳି ସଂକେତ ମିଳିଛି । ଯାହାର ଝଲକ ଏପ୍ରିଲ ୧୭ରେ ବିଜୁଙ୍କ ଶ୍ରାଦ୍ଧ ଦିବସରେ ଦେଖିବାକୁ ମିଳିବ । ଏକାଠି ହେବେ ବିଜୁ ଅନୁଗତ । ରାଜ୍ୟ ରାଜନୀତି ପାଇଁ କଷିବେ ନୂଆ ଅଙ୍କ। ଏପ୍ରିଲ ୧୭ରେ ଦୀର୍ଘ ଅଢେଇ ଦଶନ୍ଧି ଧରି ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ କରି ଆସୁଛି ବିଜେଡି। ରାଜ୍ୟସ୍ତରରୁ ଆରମ୍ଭ କରି ନିର୍ବାଚନମଣ୍ଡଳୀସ୍ତରରେ ବିଜୁଙ୍କୁ ମନେ ପକାନ୍ତି ଶହ ଶହ ବିଜୁ ପ୍ରେମୀ । ହେଲେ ଏଥର ସମାନ୍ତରାଳ ଭାବେ ବିଜୁଙ୍କ ଶ୍ରାଦ୍ଧ ଦିବସ ପାଳନ କରିବେ ବିଜୁ ଲିଗାସୀର ନେତା ବିଜୟ ମହାପାତ୍ର, ପ୍ରଭାତ ତ୍ରିପାଠୀ, ଅମର ଶତପଥୀ, ରବି ନାରାୟଣ ପାଣି । ବିଜୁ ଲିଗାସୀକୁ ନେଇ ଚାଲିଥିବା ଚର୍ଚ୍ଚା ଭିତରେ ଏହି ବରିଷ୍ଠ ନେତା ବିଜୁ ପ୍ରେମୀଙ୍କୁ ଏକାଠି କରିବାକୁ ଆରମ୍ଭ କରିଛନ୍ତି କସରତ । ଏପ୍ରିଲ ୧୭ରେ ବିଜୁ ବାବୁଙ୍କ ତିରୋଧାନ ଦିବସରେ ରାଜଧାନୀରେ ଏକାଠି ହୋଇ ଶକ୍ତି ପ୍ରଦର୍ଶନ କରିବେ । ବିଜୁ ଲିଗାସୀକୁ ବଞ୍ଚାଇବାକୁ ରାଜ୍ୟସଭା ନିର୍ବାଚନରୁ ଆରମ୍ଭ ହୋଇଥିବା ଅଭିଯାନ ଆଗକୁ ନେବାକୁ ଯୁବପିଢିକୁ ବାର୍ତ୍ତା ଦେବେ ବିଜୁ ଅନୁଗତ । ◆◆ପୃଷ୍ଠା ୭

## ୨.୮ ଟନ୍ ଗଞ୍ଜେଇ ଜବତ କଲା ଗଜପତି ଜିଲ୍ଲା ପୋଲିସ

ଭୁବନେଶ୍ୱର, ୦୭/୪ (ନି.ପ୍ର): ଗଞ୍ଜେଇ ବିରୋଧୀ ଅଭିଯାନରେ ଗଜପତି ଜିଲ୍ଲା ପୋଲିସ ବିଶାଳ ସଫଳତା ଅର୍ଜନ କରିଛି। ଅଡ଼ବା ଥାନା ଅନ୍ତର୍ଗତ କାରିଗେଜୁ ଗ୍ରାମରେ ଚଢ଼ାଉ କରି ପୋଲିସ ପ୍ରାୟ ୨,୮୧୧ କେଜି (୨.୮ ଟନ୍) ଗଞ୍ଜେଇ ଜବତ କରିଛି। ବିଗତ କିଛି ମାସ ମଧ୍ୟରେ ଜିଲ୍ଲା ପୋଲିସ ବିଭିନ୍ନ ଥାନା ଅଞ୍ଚଳରେ ୧୨ ଟନରୁ ଅଧିକ ଗଞ୍ଜେଇ ଜବତ କରିଛି। ଉଲ୍ଲେଖ ଯୋଗ୍ୟ ଯେ, ଗତକାଲି ଭୋର ସମୟରେ ଆର ଉଦୟଗିରି ଏସଡିପିଓ ରାକେଶ ସାହୁ,ଆଇପିଏସଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଅଡ଼ବା ଥାନା ଅନ୍ତର୍ଗତ କାରିଗେଜୁ ଗ୍ରାମ ନିକଟସ୍ଥ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ଏହି ସର୍ଚ୍ଚ ଅପରେସନ ଚଲାଇଥିଲେ। ଏହି ସର୍ଚ୍ଚ ଅପରେସନ ସମୟରେ ଲୁଚାଇ ରଖାଯାଇଥିବା ମୋଟ ୧୧୩ଟି ପ୍ଲାଷ୍ଟିକ୍ ବ୍ୟାଗ ଜବତ କରାଯାଇଥିଲା। ସେଥିରୁ ଏହି ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି । ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାୟନ କରିଥିବାବେଳେ, ସେମାନଙ୍କୁ ଚିହ୍ନଟ କରି ଶୀଘ୍ର ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି।
ଏହି ସଂକ୍ରାନ୍ତରେ ଅଡ଼ବା ଥାନାରେ କେସ୍ ନମ୍ବର ୭୦ (ତା. ୦୬.୦୪.୨୦୨୬) ପଞ୍ଜିକୃତ କରାଯାଇ ଏନ୍‌ଡିପିଏସ୍ ଆଇନର ◆◆ପୃଷ୍ଠା ୭

## ଓଡ଼ିଶା ଷ୍ଟିଲ୍ ସଂଘ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା: ୧୦୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ



ଭୁବନେଶ୍ୱର, ୦୭/୪ (ନି.ପ୍ର): ଓଡ଼ିଶାରେ ଉତ୍ପାଦନ ହେବ ୧୦୦ ମିଲିୟନ ଟନ ଇସ୍ପାତ । ଭାରତୀୟ ଷ୍ଟିଲ ସଂଘଙ୍କୁ ଡାକି ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବୈଠକ ପରେ ବିଶିଷ୍ଟ ଶିଳ୍ପପତି ନବୀନ ଜିନ୍ଦଲ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ବହୁତ ଭଲ କାମ ହେଉଥିବା କହିବା ସହ ଆହୁରି କହିଛନ୍ତି ଓଡ଼ିଶାରେ ଭିତ୍ତିଭୂମି ଉନ୍ନତି ହେଉଛି ଶିଳ୍ପାନୁଷ୍ଠାନ ବି ବଢୁଛି । ଓଡ଼ିଶା ସରକାରଙ୍କ ଖଣି ନୀତି ଓ ଅକ୍ସନ ବ୍ୟବସ୍ଥା ପାଇଁ ରାଜ୍ୟକୁ ଅଧିକ ରାଜସ୍ୱ ବି ମିଳୁଛି । ସେଥିପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶାରେ ଷ୍ଟିଲ ପ୍ରଡକ୍ସନ ଭଲ ହେଉଛି ବୋଲି କହିଛନ୍ତି । ତେଣୁ ଆଇରନ ଓର ଉତ୍ପାଦନକୁ ଅଧିକ ବଢାଇବାର ଆବଶ୍ୟକତା ରହିଛି । ଯେଉଁମାନେ ଓଡ଼ିଶାରେ ନିବେଶ କରିଛନ୍ତି ସେମାନଙ୍କୁ ଓଏମସିରୁ ଆଇରନ ଓର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ କହିଛନ୍ତି ଯେଉଁମାନେ ଓଡ଼ିଶାରେ ଷ୍ଟିଲ ପ୍ଲାଣ୍ଟ କରିବେ ସେମାନଙ୍କୁ ଆଇରନ ଓରର ଅଭାବ ରହିବ ନାହିଁ । ଶିଳ୍ପାନୁଷ୍ଠାନକୁ କଞ୍ଚା ମାଲର କୌଣସି ଅଭାବ ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି । ସାରା ବିଶ୍ୱ ଡ଼ିଜେଲ, ପେଟ୍ରୋଲ ଓ ଗ୍ୟାସର ସଙ୍କଟକୁ ସାମ୍ନା କରୁଛି । ◆◆ପୃଷ୍ଠା ୭

## ଗୋ-ମାଫିଆଙ୍କୁ ନିସ୍ତାର ନାହିଁ: ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜର ୩୨ଟି ସ୍ଥାନରେ ପୁଲିସର ଚଢ଼ାଉ



ଭଦ୍ରକ/ ବାଲେଶ୍ୱର/ ମୟୂରଭଂଜ, ୦୭/୪ (ନି.ପ୍ର): ଗୋ ମାଫିଆଙ୍କୁ ଆଉ ନିସ୍ତାର ନାହିଁ। ଆକ୍ସନ ମୋଡକୁ ଆସିଥିବା ପୋଲିସ୍ ଗୋରୁ ମାଫିଆଙ୍କ ଦୁଆରେ ପହଞ୍ଚିଛି, କବାଟ ବାଡ଼େଇ କାର୍ଯ୍ୟାନୁଷ୍ଠାନ ନେଇଛି। ଗୋ ଚାଲାଣର ଅନ୍ୟତମ କରିଡ଼ର୍ ବାଲେଶ୍ୱର-ଭଦ୍ରକ-ମୟୁରଭଞ୍ଜ ଜିଲ୍ଲାରେ ଆଜି ସକାଳୁ ସକାଳୁ କରିଛି ବଡ଼ ରେଡ୍। ଫଳରେ କେଉଁଠୁ ୫୦ ଲକ୍ଷରୁ ଅଧିକ ଟଙ୍କା ତ ଆଉ କାହା ପାଖରୁ ପୁଳା ପୁଳା ସୁନା ଗହଣା ମିଳିଛି। ଏପରିକି ଯାନବାହନ ସହ ଖଣ୍ଡା କାତି ଆଦି ଜବତ କରିଛି ପୋଲିସ। ଆଗକୁ ଗୋ ତସ୍କରୀ ସିଣ୍ଡିକେଟର ଅଣ୍ଟା ଭାଙ୍ଗିବାକୁ ପଣ କରିଛି ପୂର୍ବାଞ୍ଚଳ ପୋଲିସ। ଗୋ ମାଫିଆଙ୍କ ଅଚଳାଚଳ ସମ୍ପତ୍ତି। ଆଖିଦୃଶିଆ କୋଠା। ଆଖି ଖୋସା ଗହଣା ଗାଣ୍ଠି। ◆◆ପୃଷ୍ଠା ୭

## ଆସାମ, କେରଳ ଓ ପୁଡୁଚେରିରେ ପ୍ରଚାର ଶେଷ: ଗୁରୁବାର ଦିନ ଗୋଟିଏ ପର୍ଯ୍ୟାୟରେ ମତଦାନ

ନୂଆଦିଲ୍ଲୀ,୦୭/୪ : ଆସାମ, କେରଳ ଓ ପୁଡୁଚେରି ବଧାନସଭା ନିର୍ବାଚନ ପାଇଁ ଆଜି ଅପରାହ୍ଣ ୫ଟାରେ ପ୍ରଚାର ଶେଷ ହୋଇଛି। ଆସନ୍ତା ଗୁରୁବାର ଏହି ତିନି ବିଧାନସଭା ପାଇଁ ଗୋଟିଏ ପର୍ଯ୍ୟାରେ ଭୋଟ୍ ଗ୍ରହଣ କରାଯିବ। ଆଉ ପ୍ରଚାରର ସୁଯୋଗ ନଥିବାରୁ ଆଜି ଶେଷଦିନରେ ସବୁ ଦଳ ଜୋରଦାର ପ୍ରଚାର କରିଛନ୍ତି। ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଆସାମରେ ପ୍ରଚାର କରିଥିଲେ। ନିର୍ବାଚନୀ ରାଲିରେ ଶାହ ଅଭିଯୋଗ କରିଛନ୍ତି ଯେ ଆସାମ ପାଇଁ କଂଗ୍ରେସ କିଛି କରିନାହିଁ। ବରଂ ଅନୁପ୍ରବେଶକାରୀଙ୍କୁ ଆଶ୍ରୟ ଦେଇଛି। ବିଜେପି ପୁଣି ସରକାର ଗଠନ କଲେ ସବୁ ଅନୁପ୍ରବେଶକାରୀଙ୍କୁ ସେମାନଙ୍କ ନିଜ ଦେଶକୁ ପଠାଇ ଦିଆଯିବ। ଆସାମକୁ ବିଜେପି ଦେଶର ଅନ୍ୟ ବିକଶିତ ଅଞ୍ଚଳ ସହିତ ସମକକ୍ଷ କରିବ। ଅନେକ ପ୍ରତିଶ୍ରୁତି ଦେଇ ଶାହ ଆସାମରେ ପ୍ରଚାର କରିଥିଲେ। ଆସାମରେ ୧୨୬ ବିଧାନସଭା ଆସନ ଥିବା ବେଳେ ବିଭିନ୍ନ ଦଳରୁ ୭୨୨ ଜଣ ପ୍ରାର୍ଥୀ ଅଛନ୍ତି। କେରଳରେ ୧୪୦ ବିଧାନସଭା ଆସନରେ ଆସନ୍ତା ଗୁରୁବାର ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହୋଇଛି। ଏଠାରେ ବିଭିନ୍ନ ଦଳର ମୋଟ୍ ୮୯୦ ଜଣ ପ୍ରାର୍ଥୀ ଆଜି ଶେଷଦିନରେ ଜୋରଦାର ପ୍ରଚାର କରିଛନ୍ତି। ଏଠାରେ ଶାସକ ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ- ଏଲଡିଏଫ୍, ବିରୋଧୀ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ-ୟୁଡିଏଫ୍, ଏନଡିଏ ଓ ଅଂଶୀଦାର ◆◆ପୃଷ୍ଠା ୭

## ଆଜି ରାତି ଇରାନ ପାଇଁ ଗୁରୁତ୍ୱପୂର୍ଣ୍ଣ: ରାତାରାତି ଧ୍ୱଂସ କରିଦେବାକୁ ଟ୍ରମ୍ପଙ୍କ ଧମକ ସହ ଇସ୍ରାଇଲର ବ୍ଲୁ ପ୍ରିଣ୍ଟ



ନୂଆଦିଲ୍ଲୀ,୦୭/୪ : ଇରାନ ଉପରେ ଏକ ବଡ଼ ଧରଣର ଆକ୍ରମଣ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି ଇସ୍ରାଏଲ। ଇରାନବାସୀଙ୍କ ପାଇଁ ଫାର୍ସୀ ଭାଷାରେ ଏକ 'ଜରୁରୀ' ସତର୍କ ସୂଚନା ଜାରି କରିଛି। ସାଧାରଣ ଜନତାଙ୍କୁ ଟ୍ରେନରେ ଯାତ୍ରା ନକରିବାକୁ ଏବଂ ରେଳ ଷ୍ଟେସନଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଟ୍ରମ୍ପ ଚେତାବନୀ ସୂଚାଉଛି , ଆଜି ରାତି ଇରାନ ପାଇଁ ଭୟଙ୍କର ରାତି ହୋଇପାରେ। ଯୁଦ୍ଧ ପଂହଚିଲା ୩୮ ଦିନରେ ହେଲେ ଆଜି ରାତି ଇରାନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । କାହିଁକି ନା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି ଯେ ଇରାନକୁ ରାତାରାତି ଧ୍ୱଂସ କରି ଦିଆଯାଇପାରେ। ଟ୍ରମ୍ପ କହିଛନ୍ତି, ଯଦି ଇରାନ ସମୟସୀମା ସୁଦ୍ଧା ଆମେରିକା ସହିତ ଏକ ଚୁକ୍ତିରେ ପହଞ୍ଚିବାରେ ବିଫଳ ହୁଏ, ତେବେ ଇରାନକୁ ନିସ୍ତାର ନାହିଁ। ଟ୍ରମ୍ପଙ୍କ ଚୁକ୍ତି ଅନୁଯାୟୀ, ଇରାନକୁ ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ପଡିବ, ଯାହା ଦେଇ ବିଶ୍ୱର ୨୦% ତୈଳ ଯୋଗାଣ ପରିବହନ ହୁଏ। ଟ୍ରମ୍ପଙ୍କ ଦ୍ୱାରା ନିର୍ଦ୍ଧାରିତ ଏହି ସମୟସୀମା ମଙ୍ଗଳବାର ୱାଶିଂଟନ୍, ଡି.ସି. ସମୟ ରାତି ୮ଟା ଏବଂ ଭାରତୀୟ ସମୟ ବୁଧବାର ସକାଳ ୫ଟାରେ ଶେଷ ହେଉଛି। ◆◆ପୃଷ୍ଠା ୭

# ପଶ୍ଚିମବଙ୍ଗରେ ବିଜେପିର ପ୍ରତିଷ୍ଠା ଦିବସ ପାଳିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ମେଦିନୀପୁର/ଝାଡ଼ଗ୍ରାମ, ୦୭/୪ (ନି.ପ୍ର): ବିଜେପି କେବଳ ଏକ ରାଜନୈତିକ ଦଳ ନୁହେଁ, ବରଂ ଜନସେବାର ଏକ ଅନୁଷ୍ଠାନ । ଆମର କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଓ ପରିଶ୍ରମ ଯୋଗୁଁ ଆଜି ବିଜେପି ବିଶ୍ୱର ସର୍ବବୃହତ ସଂଗଠନ ହୋଇପାରିଛି । 'ମେରା ବୁଥ୍ ସବସେ ମଜବୁତ୍' କେବଳ ଏକ ସ୍ଲୋଗାନ ନୁହେଁ, ଏହା ଆମ ସଂଗଠନର ମେରୁଦଣ୍ଡ ବୋଲି ଆଜି ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ପଶ୍ଚିମବଙ୍ଗର ଏଗ୍ରା, ମେଦିନୀପୁର



ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ଏଗ୍ରା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଦଳୀୟ ପତାକା ଉତ୍ତୋଳନ କରିବା ସହ ଦଳର ପ୍ରତିଷ୍ଠାତା ଓ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମସ୍ତ ସମର୍ପିତ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ଶ୍ରୀ ପ୍ରଧାନ । ପରେ ମେଦିନୀପୁରର ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସିଧାସଳଖ ଆଲୋଚନା କରି ସ୍ଥାନୀୟ ସମସ୍ୟା ଓ ସାଂଗଠନିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସେ କହିଛନ୍ତି, ବିଜେପି ସର୍ବଦା ଜନସେବାର ଆଦର୍ଶକୁ ନିଜ କାର୍ଯ୍ୟର ଆଧାର କରିଛି । ଐତିହ୍ୟ ଏବଂ ବିକାଶର ପ୍ରେରଣାରେ ସଂଗଠନ ପ୍ରତିଟି ନାଗରିକଙ୍କ ସେବା ପାଇଁ ଅଟଳ ଭାବେ ପ୍ରତିଶ୍ରୁତିବଦ୍ଧ । କୋଟି କୋଟି କାର୍ଯ୍ୟକର୍ତ୍ତା ଏହି ଅତୁଟ ସଂକଳ୍ପ ସହିତ ରାଷ୍ଟ୍ର ନିର୍ମାଣର ଯାତ୍ରାରେ ସମର୍ପିତ ଭାବେ ନିରନ୍ତର କାର୍ଯ୍ୟ କରୁଛନ୍ତି । ଆଜିର ଦିବସ ସେହି ମହାନ ତପସ୍ୱୀ ଏବଂ ରାଷ୍ଟ୍ରନିଷ୍ଠ ନେତୃତ୍ୱଙ୍କୁ ପ୍ରଣାମ କରିବାର ଅବସର, ଯେଉଁମାନେ ସେବା, ସମର୍ପଣ ଏବଂ ସିଦ୍ଧାନ୍ତ ଆଧାରରେ ଏହି ସଂଗଠନକୁ ଜନ-ଆସ୍ଥାର ପ୍ରତୀକ ଭାବେ ଗଢ଼ି ତୋଳିଛନ୍ତି । ଗାଁ-ଗାଁକୁ ସଂଗଠନର ବିଚାରଧାରା ପହଞ୍ଚାଉଥିବା ଆମର କର୍ମଠ କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ଏବଂ ପରିଶ୍ରମ ହିଁ ବିଜେପିର ପ୍ରକୃତ ଶକ୍ତି। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଅନ୍ତ୍ୟୋଦୟ' ମନ୍ତ୍ରକୁ ପାଥେୟ କରି ବିକଶିତ ଭାରତ ଗଠନରେ ବଙ୍ଗଳାର କାର୍ଯ୍ୟକର୍ତ୍ତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପୂର୍ବ ମେଦିନୀପୁର ବାଲିଘାଇ ସ୍ଥିତ ଜଗନ୍ନାଥ ମନ୍ଦିରରେ ଦର୍ଶନ କରିଥିଲେ । ଗତକାଲି ଶ୍ରୀ ପ୍ରଧାନ ଝାଡ଼ଗ୍ରାମ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକରେ ମଧ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି, ୦୭/୪ (ନି.ପ୍ର): ଛେଳି ଚୋରାଇବାକୁ ଯାଇଥିବାବେଳେ ଜୈନିକ ମହିଳାଙ୍କୁ ଭାଲୁ ଆକ୍ରମଣକରି ଗୁରୁତର କରିଥିବାର ଦେଖିବାକୁ ମିଳିଛି। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ବାଉଁଶବଣିଆ ପଞ୍ଚାୟତର ମାନଗଡ ଗ୍ରାମର ଗୟାଧର ନାୟକଙ୍କ ସ୍ତ୍ରୀ ସୁଭାଷିନୀ ନିକଟସ୍ଥ ଜଙ୍ଗଲକୁ ଛେଳି ଚୋରାଇବାପାଇଁ ଯାଇଥିବାବେଳେ ହଠାତ୍ ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିବାରୁ ହାତ, ଗୋଡ଼ରେ ଗଭୀର ଆଘାତ ଲାଗିଅଛି। ପରିବାର ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଏବେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ସମାଜସେବୀ ରଂଜିତ ପଣ୍ଡିତ ମେଡିକାଲରେ ପହଞ୍ଚି ଆଶୁଆରୋଗ୍ୟ କାମନାକରିବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବୀ କରିଥିଲେ।

# ମୃଦୁ ପାନୀୟ ସହିତ ଆସୁଥିବା ୩୭୫୦ ବୋତଲ କଫ ସିରଫ ଜବତ : ୨ ଗିରଫ

ସୁବର୍ଣ୍ଣପୁର, ୦୭/୪ (ନି.ପ୍ର): ଭୁବନେଶ୍ୱରରୁ ବଲାଙ୍ଗିର ଜିଲ୍ଲାକୁ ଅଭିନବ ଉପାୟରେ ହେଉଥିଲା ବିପୁଳ ପରିମାଣର କଫ ସିରଫ ଚୋରା ଚାଲାଣ। କୌଣସି ସୂତ୍ରରୁ ସୂଚନା ପାଇ ସୁବର୍ଣ୍ଣପୁର ପୋଲିସ ତତ୍ପର ହୋଇ ଉଠିଥିଲା। ଏସପି ନାରାୟଣ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଡିସିନାଲ ଏସପି କେ.କେ. ହରିପ୍ରସାଦ, ସୋନପୁର ଆଇଆଇସି ଯାଦବ ବାଗଙ୍କ ନେତୃତ୍ୱରେ ପୋଲିସ ଟିମ୍ ସୋନପୁର ସହରର ବ୍ଲକ ଛକ ନିକଟରେ ଥିବା ଡେଲି ମାର୍କେଟ ଆଗରେ ଛକି ରହିଥିଲେ । ଭୁବନେଶ୍ୱର ପଟୁ ଏକ ପିକଅପ ଭ୍ୟାନ ନଂ ଓଡି୦୩ଏଇ- ୦୧୫୪ରେ ବିପୁଳ ମୃଦୁ ପାନୀୟ ବୋଝେଇ ହୋଇ ଆସୁଥିବା ଦେଖିବାକୁ ପାଇଥିଲେ । ସନ୍ଦେହରେ ଗାଡିକୁ ଅଟକାଇ ଯାଂଚ୍ କରିବାରୁ ଗାଡ଼ିରେ ଅଭିନବ ଉପାୟରେ ଉପରେ ମୃଦୁ ପାନୀୟ ବୋଝେଇ ହୋଇ ଥିବାବେଳେ ଭିତରେ ୨୫ ଗୋଟି ବଡ଼ ପେଟି ଥିବା ଦେଖିବାକୁ ପାଇଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପେଟି ଖୋଲି ଯାଂଚ୍ କରାଯିବାରୁ ବଡପେଟି ଭିତରୁ ୧୫୦ ଗୋଟି ଛୋଟ ପେଟିରୁ ପ୍ରାୟ ୩୭୫୦ ବୋତଲ କଫ ସିରଫ ବାହାରିଥିଲା । ଯାହାର ବଜାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଗାଡିରେ ଥିବା ବଲାଙ୍ଗିର ସହରର ଦୁଇ ଅଭିଯୁକ୍ତ ନିଖିଲ ଅଦାବର (୨୨) ଓ ଶିବା ବାଘ (୨୪) ଉଭୟଙ୍କୁ ପୋଲିସ ଗିରଫ କରିବା ସହ ଗାଡିକୁ ମଧ ଜବତ କରିଛି ପୋଲିସ । ଏହି କଫ ସିରଫ ସେମାନେ ଭୁବନେଶ୍ୱରରୁ ବଲାଙ୍ଗିର ଜିଲ୍ଲାକୁ ନେଉଥିବା ସୂଚନା ଦେଇଛନ୍ତି ।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଷଷ୍ଠ ଦିନରେ ସ୍ୱଚ୍ଛତା ଅଭିଯାନ



ଖୋର୍ଦ୍ଧା , ୦୭/୪ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟର ସମସ୍ତ ଜିଲ୍ଲାରେ ଓଡ଼ିଆ ପକ୍ଷ ଅପ୍ରେଲ ୧ ତାରିଖରୁ ୧୪ ତାରିଖ ପଣା ସଂକ୍ରାନ୍ତି ତଥା ମହା ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଆରମ୍ଭ ପର୍ଯ୍ୟନ୍ତ ପାଳନ କରାଯାଉଅଛି । ଏହି ଉପଲକ୍ଷେ ଆଜି ଅପ୍ରେଲ ୬ ତାରିଖ ବିଭିନ୍ନ ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସଦର ମହକୁମା ବରୁଣେଇ ମନ୍ଦିର ପୀଠ ଠାରେ ସଫେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି,ଉପାଧକ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଖୋର୍ଦ୍ଧା ପୌର ପରିଷଦ ସମସ୍ତ ୱାର୍ଡ ସଭ୍ୟା ଓ ସଭ୍ୟ, ସ୍ୱେଚ୍ଛା ସେବୀ ସଂଗଠନ କର୍ମକର୍ତ୍ତା ମାନେ ଯୋଗ ଦେଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ । ଅତିଥି ମାନେ ଓଡ଼ିଆପକ୍ଷ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିବାସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ପାଇଁ ସ୍ୱଚ୍ଛତା ଅତି ଜରୁରିବୋଲି ଉଦବୋଧନ ପ୍ରଦାନ କରିଥିଲେ । ନିଜର ଘର,ବାଡ଼ି, ବଗିଚା, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ପରିସର ତଥା ବିଭିନ୍ନ ଐତିହ୍ୟ ଓ ଦେବାଳୟ ସ୍ଥାନ, ସର୍ବସାଧାରଣ ସ୍ଥାନ ଗୁଡ଼ିକୁ ସଫା ସୁତରା ରଖିବାକୁ ହେଲେ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

## ଭୁବନରେ ହିଙ୍ଗୁଳା ଯାତ୍ରା ଉଦ୍‌ଯାପିତ

ଭୁବନ, ୦୭/୪ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନର ପ୍ରସିଦ୍ଧ ଶକ୍ତି ପୀଠ ହିଙ୍ଗୁଳା ଠାକୁରାଣୀଙ୍କ ପବିତ୍ର ପୀଠରେ ବୁଧବାର ଠାରୁ ଆରମ୍ଭ ହୋଇଥିବା ୬୮ ତମ (ଝାମୁଯାତ୍ରା,ମହାଯଜ୍ଞ) ହିଙ୍ଗୁଳା ଯାତ୍ରା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଗତ ବୁଧବାର ଅପରାହ୍ନରେ ଶତାଧିକ ପୁରୁଷ, ମହିଳା କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ମା ହିଙ୍ଗୁଳାଙ୍କ ନିକଟରେ ଘଟ ସ୍ଥାପନ କରିଥିଲେ । ଗୁରୁବାର ପୂର୍ଣ୍ଣମୀ ଦିନ ଅପରାହ୍ନ ୪ଟା ସମୟରେ ମାନସିକ ବ୍ରତଧାରୀ ପାଟୁଆଙ୍କ ଦ୍ୱାରା (ଝାମୁଯାତ୍ରା) ନିଆଁରେ ଚାଲିଥିଲେ । ଗୁରୁବାର ସନ୍ଧ୍ୟାରୁ ଶନିବାର ପର୍ଯ୍ୟନ୍ତ ପୂଜାର୍ଚ୍ଚନା, ହୋମ ଯଜ୍ଞ ଓ ନାମ ସଂକୀର୍ତନ ଅନୁଷ୍ଠିତ ହୋଇ ୫ ତାରିଖ ରାତି ୯ଟା ସମୟରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ: ମୋଟ ୨୭୬ ଗୋଟି ଅଭିଯୋଗର ହେଲା ଶୁଣାଣି

ବାରିପଦା, ୦୭/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।



ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଉପ-ଜିଲ୍ଲାପାଳ ବାରିପଦା କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୭୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୨୨୯ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୪୭ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ୧୩ ଗୋଟି ଅଭିଯୋଗର ସମାଧାନ ତତକ୍ଷଣାତ୍ ଜନ ଅଭିଯୋଗ ଶିବିରରେ କରାଯାଇଛି । ଏହାସହ ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୫ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ଦ୍ରୁତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ସେଲ୍ ଆଇଜିଏଚରେ କମ୍ ଓଜନ ନବଜାତକର ଜୀବନରକ୍ଷାକାରୀ ଜଟିଳ ସ୍ନାୟୁବିକ ଅସ୍ତ୍ରୋପଚାର ସଫଳ

ରାଉରକେଲା, ୦୭/୪ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଡାକ୍ତରୀ ଦଳ ମାତ୍ର ଦୁଇଦିନ ପୂର୍ବେ ଜନ୍ମିତ ୨.୫ କି.ଗ୍ରା. ଓଜନର ଏକ ନବଜାତ ଶିଶୁର ଜୀବନ ରକ୍ଷାକାରୀ ଅସ୍ତ୍ରୋପଚାରକୁ ସଫଳ କରିଛନ୍ତି। ସୂଚନା ଯୋଗ୍ୟ ଯେ,ଏହି ଜଟିଳ ଅସ୍ତ୍ରୋପଚାରଟି ଆଇଜିଏଚ ତଥା ରାଉରକେଲାରେ ପ୍ରଥମ ଥର ପାଇଁ କରାଯାଇଥିଲା।



ଶ୍ରୀମତୀ ସୁଚିତ୍ରା ସିନ୍ଧିଆଙ୍କ ଏହି ଶିଶୁ ଆଇଜିଏଚରେ ସିଜରିଆନ୍ ସେକ୍ସନ୍ ରେ ଦୁଇଟି ଗୁରୁତର ଜନ୍ମଗତ ଅସ୍ୱାଭାବିକତା - ହାଇଡ୍ରୋସେଫାଲସ୍ ଏବଂ ମେନିଙ୍ଗୋମାଇଲୋସିଲ୍ ନେଇ ଜନ୍ମ ନେଇଥିଲା । ଜନ୍ମ ସମୟରେ କମ୍ ଓଜନ, ଅସ୍ୱାଭାବିକ ମୁଣ୍ଡ ଗଠନ ଏବଂ ପିଠି ପୃଷ୍ଠ ରେ ଏକ ଜନ୍ମଗତ କ୍ଷତ ଯୋଗୁଁ ଶିଶୁଟି ର ଆଶୁ ଚିକିତ୍ସା ଆବଶ୍ୟକତା ଥିଲା ।

ନବଜାତ ଶିଶୁକୁ ତୁରନ୍ତ ଆଇସିୟୁକୁ ସ୍ଥାନାନ୍ତର କରାଯିବା ସହ ସିଏମଓ ଇନ-ଚାର୍ଜ ଡାକ୍ତର ଜୟନ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଶିଶୁରୋଗ ବିଭାଗର ଅତିରିକ୍ତ ସିଏମଓ ଡାକ୍ତର ଅର୍ଚ୍ଚନା ବେହେରାଙ୍କ ସହିତ ଏକ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ଚିକିତ୍ସା ସେବା ଯୋଗାଇ ଦେଇଥିଲେ।

ଶିଶୁର ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି ପିତାମାତାଙ୍କ ସମ୍ମତି ସହିତ ତୁରନ୍ତ ଏକ ଅସ୍ତ୍ରୋପଚାର କରଯାଇଥିଲା। ଶିଶୁଟିର ପର୍ଯ୍ୟାପ୍ତ ଓଜନ ଏବଂ ଶକ୍ତି ବୃଦ୍ଧି କରିବା ନିମନ୍ତେ ମେନିଙ୍ଗୋମାଏଲୋସିଲର ଅସ୍ତ୍ରୋପଚାର କରାଯାଇଥିଲା।

ଏହି ଅସ୍ତ୍ରୋପଚାରକୁ ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓ ସଫଳତାର ସହ ସମ୍ପାଦିତ କରିଥିବା ବେଳେ ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିଲେ । ଅସ୍ତ୍ରୋପଚାର ପରେ, ଶିଶୁଟି ସୁସ୍ଥ ହେବାର ଉତ୍ସାହଜନକ ଲକ୍ଷଣ ଦେଖାଦେଇଥିବା ବେଳେ ମୁଣ୍ଡର ଆକାର ମଧ ସ୍ୱାଭାବିକ ହେବାକୁ ଲାଗିଥିଲା । ଆଇଜିଏଚର ଏହି ସଫଳତା ଉନ୍ନତ ସ୍ୱାସ୍ଥ୍ୟସେବା କ୍ଷମତା ଏବଂ ଅଭିଜ୍ଞ ତଥା ଉତ୍ସର୍ଗୀକୃତ ଡାକ୍ତରୀ ଦଳଙ୍କ ସମର୍ପଣ ଯୋଗୁଁ ସମ୍ଭବପର ହୋଇପାରିଛି । ଏହା ଆଇଜିଏଚ ର ରାଉରକେଲା ଏବଂ ପାର୍ଶ୍ୱାଞ୍ଚଳ ବାସିନ୍ଦାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ: ୮୯ଟି ଅଭିଯୋଗର ଶୁଣାଣି, ରେଡକ୍ରସ ପାଣ୍ଠିରୁ ୬ ଜଣଙ୍କୁ ସହାୟତା ପ୍ରଦାନ

ଝାରସୁଗୁଡ଼ା, ୦୭/୪ (ନି.ପ୍ର): ଜନସାଧାରଣଙ୍କ ସମସ୍ୟାର ଦ୍ରୁତ ସମାଧାନ ପାଇଁ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ କରାଯାଇ ସେଗୁଡ଼ିକର ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି. ଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଏବଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।

ଆଜିର ଏହି ଶିବିରରେ ମୋଟ୍ ୮୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୨୯ଟି ସାମୂହିକ ଏବଂ ୬୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରୁ ୭ଟି ସମସ୍ୟାର ତତକ୍ଷଣାତ ସମାଧାନ କରାଯାଇଥିବା ବେଳେ ବାକି ଅଭିଯୋଗ ଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ୬ ଜଣ ଆବେଦନକାରୀଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଶିବିରରେ ବିଶେଷ କରି ଜମିବାଡ଼ି ବିବାଦ ଏବଂ ଆର୍ଥିକ ସହାୟତା ପାଇଁ ଅଧିକାଂଶ ଆବେଦନ ଆସିଥିଲା। ଏଥିସହିତ ଏନଏଲସି ସମ୍ପର୍କିତ ସମସ୍ୟା, ଶିଳ୍ପାଂଚଳରେ ବଢୁଥିବା ପ୍ରଦୂଷଣ ନିୟନ୍ତ୍ରଣ, ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ଏବଂ ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ରେଳରୋକୋ ସୁନିଶ୍ଚିତ କଲା ମିଳିତ କ୍ରିୟାନୁଷ୍ଠାନ କମିଟି

ବଲାଙ୍ଗିର, ୦୭/୪ (ନି.ପ୍ର): ରେଳ ଉପଭୋକ୍ତ ସଂଘ ବଲାଙ୍ଗିର ବରଗଡ ଜିଲ୍ଲା ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ସାଧାରଣ ବୈଠକ ବରଗଡ ସ୍ଥିତ ଅଗ୍ରଗାମୀ ଯୁବକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜାତୀୟ ସଂଗୀତ ଗାନ ପରେ ବରଗଡ ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତା ନିଜର ଅଭିଭାଷଣରେ ବଲାଙ୍ଗିରରୁ ଭୁବନେଶ୍ୱରକୁ ଯିବା ଆସିବା କଲା ପରି ଏକ ସକାଳୁଆ ଟ୍ରେନ, ବଲାଙ୍ଗିର ଠାରେ ପିଟ୍ ଲାଇନ ଏବଂ ବଲାଙ୍ଗିର ବରଗଡ ଦେଇ ଏକ ସିଧାସଳଖ ଦିଲ୍ଲୀ ବା ପ୍ରୟାଗରାଜକୁ ଟ୍ରେନ ଚଳାଇବା ଉପରେ ଜୋର ଦେଇଥିଲେ । ପରେ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ବଲାଙ୍ଗିର ଠାରେ ପିଟ ଲାଇନ ଓ ଏଡିଆରଏମ୍ ସ୍ଥାପନ କରିବା ଉପରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ ଅଣଦେଖା କରାଯାଉଛି, ପୂର୍ବତଟ ରେଳବାଇ ଖୋର୍ଦ୍ଧା ରେଳ ମଣ୍ଡଳରୁ ପଲାସା, ଇଚ୍ଛାପୁରମକୁ ଦକ୍ଷିଣତଟ ରେଳବାଇର ବିଶାଖାପାଟଣା ମଣ୍ଡଳକୁ ଦିଆଯାଇଥିବାରୁ ରେଳବାଇ ମନ୍ତ୍ରୀ ନିଜ ରାଜ୍ୟର ହୋଇ ମଧ ବଲାଙ୍ଗିର ବରଗଡ ପରି କେବିକେ ଅଂଚଳକୁ ଅଣଦେଖା କରି ନିଜ ରାଜ୍ୟର ଉନ୍ନତିକରଣ ନକରି ଅନ୍ୟ ରାଜ୍ୟର ଉନ୍ନତିକରଣ କରାଯାଉଛି ବୋଲି କହିଥିଲେ । ଏଣୁ ରାୟଗଡା ମଣ୍ଡଳକୁ ପୂର୍ଣ୍ଣକ୍ଷମ କରାଯାଇ ବଲାଙ୍ଗିର ଠାରେ ଏଡିଆରଏମ୍ କାର୍ଯ୍ୟାଳୟ ଓ ପିଟ ଲାଇନ ତୁରନ୍ତ ସ୍ଥାପନ କରାଯାଉ ବୋଲି ଦାବି ଜଣାଇଥିଲେ । ଉକ୍ତ ବୈଠକରେ ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଯୋଗ ଦେଇଥିଲେ । ପ୍ରାୟ ସମସ୍ତ ସଭ୍ୟ ଦୀର୍ଘ ୧୫ ବର୍ଷ ହେଲା ରେଳ ବିଭାଗ ବଲାଙ୍ଗିର, ବରଗଡ ପରି ପଛୁଆ ଅଂଚଳକୁ ଅଣଦେଖା କରୁଛି । ଏଣୁ ଉପରୋକ୍ତ ଦାବି ଗୁଡିକ କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଡିଆରଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ରେଳରୋକୋ କରିବା ପାଇଁ ବାଧ ହେବେ ବୋଲି ମତପ୍ରକାଶ ପାଇଥିଲା । କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ବିବରଣୀ ପାଠ କରିଥିଲେ । ଉଭୟ ସଂଘର ସଂପାଦକ ବିମଲ ଚକ୍ରବର୍ତି ଓ କମଲ ଯୋଷୀ ମଂଚାସିନ ଥିଲେ । ବଲାଙ୍ଗିର ରେଳ ଉପଭୋକ୍ତା ସଂଘ ତରଫରୁ କାର୍ଯ୍ୟକାରିଣୀ ସଭ୍ୟ ଗୋପବନ୍ଧୁ ପୁରୋହିତ, ପ୍ରଭାକର ମିଶ୍ର ଓ ଦିବାକର ହୋତା ଉପସ୍ଥିତ ରହି ନିଜର ମତାମତ ରଖିଥିଲେ । ଶେଷରେ ପ୍ରୀତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଆ ପକ୍ଷ - ୨୦୨୬; ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ବ୍ୟାପକ ସ୍ୱଚ୍ଛତା ଅଭିଯାନ

ଝାରସୁଗୁଡ଼ା, ୦୭/୪ (ନି.ପ୍ର): ଓଡ଼ିଆ ପକ୍ଷ - ୨୦୨୬ ପାଳନ ଅବସରରେ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଏବଂ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସ୍ଥାନୀୟ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ସଫେଇ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନେତୃତ୍ୱ ନେଇ ସହରବାସୀଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଳ, ପୌର ପରିଷଦ ଉପାଧ୍ୟକ୍ଷ ବେଣୁଗୋପଳ ପାଣିଗ୍ରାହୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ଝାରସୁଗୁଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଉପସ୍ଥିତ ରହି ସ୍ୱଚ୍ଛତା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଜିଲ୍ଲା ପ୍ରଶାସନର ପଦାଧିକାରୀ ଓ ପୌରପାଳିକାର କର୍ମଚାରୀମାନେ ମନ୍ଦିର ପରିସରକୁ ସଫା କରିବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ସଙ୍କଳ୍ପ ନେଇଥିଲେ।

ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପ୍ରକାଶ କରିଛନ୍ତି ଯେ, ଆମର ଐତିହ୍ୟ ଓ ପରିବେଶକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ସୁରକ୍ଷା ପାଇଁ ଏହି ସ୍ୱଚ୍ଛତା ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମସ୍ତ ବର୍ଗର ଜନସାଧାରଣଙ୍କ ସହଯୋଗ ଯୋଗୁଁ ଏହି କାର୍ଯ୍ୟକ୍ରମ ଏକ ଗଣ ଆନ୍ଦୋଳନର ରୂପ ନେଇପାରିଛି ବୋଲି ସେ କହିଥିଲେ।

ଏଥିସହ ଏହି ଅଭିଯାନରେ ସମାଜସେବୀ ସୋନୁ ଥିରାଣୀ, ରାଜେନ୍ଦ୍ର ସା, ଜୟ ମହାନନ୍ଦିଆ, ବିକଳ୍ପ ତିୱାରୀ, ଚିରାଗ ପୋଦାର, ଅଭିନବ ତିୱାରୀ, କଳ୍ପନା ମାଝୀଙ୍କ ସମେତ ସହରର ବହୁ ବୁଦ୍ଧିଜୀବି, ସାମ୍ବାଦିକ, ବରିଷ୍ଠ ନାଗରିକ ଓ ସ୍ୱେଚ୍ଛାସେବୀମାନେ ସ୍ୱତଃସ୍ଫୁର୍ତ ଭାବେ ଅଂଶଗ୍ରହଣ କରିଥିଲେ।

# ମଣିଷ ନିଜ ପାଇଁ ଏକ ରହସ୍ୟ

ଡକ୍ଟର ଲକ୍ଷ୍ମଣ ସାହୁ



ଯଦି ମୁଁ ଏହି 'ସ୍ୱ'କୁ ଧରିବାକୁ କିମ୍ବା ପରିଭାଷିତ କରିବାକୁ ଚେଷ୍ଟା କରେ, ଯାହା ଉପରେ ମୁଁ ଦୃଢ଼ ଆତ୍ମବିଶ୍ୱାସୀ, ତେବେ ମୁଁ ଦେଖିବି ଯେ ଏହା ମୋ ଆଙ୍ଗୁଠି ମୁଠାରୁ ଖସିଯାଉଥିବା ବାଲି ବ୍ୟତୀତ ଆଉ କିଛି ନୁହେଁ। ମୋ ଭିତରେ ସ୍ପନ୍ଦିତ ହେଉଥିବା ଏହି ହୃଦୟ । ଯାହାକୁ ମୁଁ କେବଳ ଅନୁଭବ କରିପାରୁଛି, ତାହା ମୋ ଅସ୍ତିତ୍ୱର ପ୍ରଥମ ସତ୍ୟ । ଏହି ଜଗତ ଯାହାକୁ ମୁଁ ସ୍ପର୍ଶ ଓ ଅନୁଭବ କରିଥାଏ, ତାହା ଦ୍ୱିତୀୟ ସତ୍ୟ । ଏହି ଦୁଇଟି ନିଶ୍ଚିତତା ବାହାରେ ମୋର ସମସ୍ତ ଜ୍ଞାନ ବନ୍ଦ ହୋଇଯାଇଥିବା ପରି ମନେହୁଏ । ଅନ୍ୟ ସବୁକିଛି ଏକ କଳ୍ପନା , ବୁଢ଼ୀଆଣି ଜାଲପରି ମୋ ଭାବନାକୁ ଛନ୍ଦି ଭ୍ରମିତ କରିଥାଏ । ଏକ ବ୍ୟାଖ୍ୟା କିମ୍ବା ମନର ସୃଷ୍ଟି ପରି ମନେହୁଏ । ଯେତେବେଳେ ମୁଁ ଆତ୍ମକୁ ବିଶ୍ୱାସ କରେ ତାହା ବୁଝିବାକୁ ଚେଷ୍ଟା କରେ, ତାହା ମୋ ମୁଠାରୁ ବାଲି ପରି ଖସିଯାଏ । ମୁଁ ଏହାର ଗୁଣ ଗୁଡ଼ିକୁ ଗଣନା କରିପାରିବି କି ନାହିଁ। ଯେପରିକି ଜୀବନରେ ଲାଗି ରହିଥିବା ଲାଳନପାଳନ, ମୂଲ୍ୟବୋଧ, ଉତ୍ସାହ, ନୀରବତା, ମହାନତା, କିମ୍ବା ଦୁର୍ବଳତା । କିନ୍ତୁ ମୁଁ ସେଗୁଡ଼ିକୁ ଏକ ଚୂଡ଼ାନ୍ତ ପରିଭାଷା ଗଠନ କରିବାକୁ ମିଶ୍ରଣ କରିପାରିବି ନାହିଁ । ମୋର ନିଜ ହୃଦୟ ସବୁବେଳେ ମୋ ପାଇଁ ଆଂଶିକ ଭାବରେ ଅଜଣା ରହିଥାଏ ।

ଭାବେ ସତରେ ମଣିଷ ନିଜ ପାଇଁ ଏକ ରହସ୍ୟ । ସେ ନିଜ ଭିତରେ ଜଣେ ଅପରିଚିତ ଲୋକ ପରି ବଞ୍ଚେ । ଆମେ ନିଜ ବିଷୟରେ ନିଶ୍ଚିତତା ଖୋଜୁ , ଏକ ସ୍ଥିର ପରିଚୟ , ଏକ ସ୍ପଷ୍ଟ ପରିଭାଷା । କିନ୍ତୁ ଜୀବନ ପ୍ରବାହରେ ସମୟ ଆମକୁ ପରିବର୍ତ୍ତନ କରେ । ଅଭିଜ୍ଞତା ଆମକୁ ଗଠନ କରେ, ଯନ୍ତ୍ରଣା ଆମକୁ ଗଭୀରଭାବରେ ସମ୍ବେଦନଶୀଳ କରେ , ପ୍ରେମ ଆମକୁ ବିସ୍ତାର କରେ । ସେହିପରି ବିଫଳତା ଆମକୁ ପରୀକ୍ଷା କରେ, ଆଶା ଆମକୁ ଆଗକୁ ଯିବାକୁ ଶକ୍ତି ବଢାଇଥାଏ । ଏସବୁ ମିଶି ଆମକୁ ଗଠନ କରେ, କିନ୍ତୁ ସମ୍ପୂର୍ଣ୍ଣ ସ୍ପଷ୍ଟ କରେ ନାହିଁ । ଏଠି ଜୀବନର ପ୍ରକୃତ ପ୍ରଶ୍ନ ଉଠେ । ଅର୍ଥ ଖୋଜିବା ଅତ୍ୟାବଶ୍ୟକ, ନା କେବଳ ଅଭିଜ୍ଞତା ଯଥେଷ୍ଟ ଜ୍ଞାନର ମଧ୍ୟ ସୀମା ଅଛି ।

ତର୍କ ପଥ ଦର୍ଶାଏ, କିନ୍ତୁ ଚରମ ସତ୍ୟ ଆଡ଼କୁ ନେଇଯାଏ ନାହିଁ । ମନସ୍ତତ୍ତ୍ୱ ଓ ଦର୍ଶନ ଆମକୁ ଅନେକ ଦୃଷ୍ଟିକୋଣ ପ୍ରଦାନ କରେ । କିନ୍ତୁ ସେମାନେ କୌଣସି ଚୂଡ଼ାନ୍ତ ନିଷ୍କର୍ଷ ପ୍ରଦାନ କରନ୍ତି ନାହିଁ । 'ନିଜକୁ ଜାଣ' ଏକ ଆକର୍ଷଣୀୟ ଆହ୍ୱାନ । କିନ୍ତୁ ଏହା ଏକ ଅନନ୍ତ ଯାତ୍ରା ପାଇଁ ଏକ ଶେଷ ନିମନ୍ତ୍ରଣ ନୁହେଁ । ନିଜକୁ ଜାଣିବା ଏକ ଶେଷ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ବିଷୟରେ ନୁହେଁ, ବରଂ ଏହା ନିରନ୍ତର ସଚେତନତାର ଏକ ପ୍ରକ୍ରିୟା । ହୁଏତ ମଣିଷର ମହାନତା ଏହି ସତ୍ୟରେ ନିହିତ ଯେ ସେ ନିଜକୁ ନିଜେ ସହସ୍ର ପ୍ରଶ୍ନ ପଚାରି ଚାଲିଥାଏ, ଯେପର୍ଯ୍ୟନ୍ତ ସେ ଶେଷ ଉତ୍ତର ପାଇପାରି ନାହିଁ ।

ଗୌତମ ବୁଦ୍ଧ କହିଥିଲେ କାମାନାର ବିନାଶରେ ଦୁଃଖର ବିନାଶ, ଦୁଃଖର ବିନାଶରେ ନିର୍ବାଣ ପ୍ରାପ୍ତି । ' ଶେଷରେ ସେ ନିର୍ବାଣ ପ୍ରାପ୍ତି ହିଁ କାମନା । ଅର୍ଥ କାମନାର ବିନାଶ କିପରି ସମ୍ଭବ ? ଏସବୁ ଅସମାହିତ ପ୍ରଶ୍ନ । ଯାହାର କୌଣସି ଉତ୍ତର ନାହିଁ । ତେଣୁ ଜୀବନର ସଂଘର୍ଷ ଏହି ବିରୋଧାଭାସରେ ନିହିତ । ଅସ୍ତିତ୍ୱର ନିଶ୍ଚିତତା ବା ଅର୍ଥର ଅନିଶ୍ଚିତତା ମଧ୍ୟରେ ଗତି। କିନ୍ତୁ ଏହି ଅବସ୍ଥା ନିରାଶା ନୁହେଁ, ବରଂ ଜାଗ୍ରତର ଏକ ସଙ୍କେତ । ଯେତେବେଳେ ଆମେ ସ୍ୱୀକାର କରୁ ଯେ ସବୁକିଛି ସ୍ପଷ୍ଟ ନୁହେଁ, ଆମେ ଅଧିକ ସଚ୍ଚୋଟ ଭାବରେ ବଞ୍ଚିବା ଆରମ୍ଭ କରୁ। ତା'ପରେ ଆମେ କୃତ୍ରିମ ସାନ୍ତ୍ୱନାରୁ ଦୂରେଇ ଯାଇ ବାସ୍ତବ ଅଭିଜ୍ଞତାକୁ ଗ୍ରହଣ କରୁ ।

ଜୀବନର ଅର୍ଥ ବାହ୍ୟ ଭାବରେ ଲଗାଯାଇଥିବା ତତ୍ତ୍ୱରେ ନୁହେଁ, ବରଂ ଆମର ଜୀବିତ ଅଭିଜ୍ଞତାରେ ରହିଛି । ମଣିଷର ଗରିମା ହେଉଛି ଏହା ଗ୍ରହଣ କରିବାରେ ଯେ ସେ ଅନିଶ୍ଚିତତା ସହିତ ବଞ୍ଚିପାରିବ । ସେ ଜାଣେ ଏହାର କୌଣସି ଚୂଡ଼ାନ୍ତ ସମାଧାନ ନାହିଁ, ତଥାପି ସେ ଭଲ ପାଏ, ସୃଷ୍ଟି କରେ ଓ ସଂଘର୍ଷ କରେ । ଏହା ଅର୍ଥହୀନତା ବିରୁଦ୍ଧରେ ତାଙ୍କର ନୀରବ ବିଦ୍ରୋହ । ଏହା ହେଉଛି ଅସମ୍ପୂର୍ଣ୍ଣ ଜ୍ଞାନ ସହିତ ମଧ୍ୟ ଆଗକୁ ବଢ଼ିବାର ସାହସ । ଏକ ଅନିଶ୍ଚିତ ଭବିଷ୍ୟତ ସତ୍ତ୍ୱେ, ଅସମ୍ପୂର୍ଣ୍ଣ ଜ୍ଞାନ ସହିତ ପୂର୍ଣ୍ଣ ତୀବ୍ରତାର ସହିତ ବଞ୍ଚିବା ହେଉଛି ମଣିଷର ପ୍ରକୃତ ବିଜୟ । ଛୋଟ ଚିମିକାଳିମାଛ ପରି, ବାରମ୍ବାର ନିଜ ପଥରକୁ ଉପରକୁ ଉଠାଇ ନେବା ବ୍ୟର୍ଥତା ନୁହେଁ , ବରଂ ସେହି କ୍ଳାନ୍ତି ଓ ସଂଘର୍ଷରେ ନିଜ ଅସ୍ତିତ୍ୱକୁ ବାଛିବା ।

ଯେତେବେଳେ ଆମେ ସ୍ୱୀକାର କରୁ ଯେ ନିଜକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ଅସମ୍ଭବ । ତଥାପି ଆତ୍ମ-ଆବିଷ୍କାରରେ ନିୟୋଜିତ ହେବା, ଅଭିଜ୍ଞତାରୁ ଶିଖିବା, ସାହସର ସହିତ ଅନିଶ୍ଚିତତାକୁ ଗ୍ରହଣ କରିବା ଓ ଅପୂର୍ଣ୍ଣ ଜ୍ଞାନ ସହିତ ମଧ୍ୟ ଆଗକୁ ବଢ଼ିବା, ସେତେବେଳେ ହିଁ ଆମେ ପ୍ରକୃତରେ ସଚେତନ ହୋଇପାରିବା । ଯେତେବେଳେ ଜୀବନ ପ୍ରତି ନମ୍ର, ଦୃଢ଼ ଓ ସଚ୍ଚୋଟ ହୁଅ । ଜୀବନ ପ୍ରବାହର ଛାୟା ସମୟର ଛାୟା ଚିତ୍ରରେ ପ୍ରତିଫଳିତ ହୁଏ ।

ଓରିସନ୍ ସ୍ୱେଟ୍ ମାର୍ଡେନ୍ ଙ୍କ ଦୃଷ୍ଟିରେ ଜୀବନର ପଥଗୁଡ଼ିକ ସବୁବେଳେ କଷ୍ଟକର ନୁହେଁ। ଏଥିରେ ସହଜ ଓ ଉଜ୍ଜ୍ୱଳ ସ୍ଥାନ ମଧ୍ୟ ଥାଏ । ମଣିଷ ସେହି ଉଜ୍ଜ୍ୱଳ ସ୍ଥାନଗୁଡ଼ିକୁ ଖୋଜିବା ଓ ଅନ୍ୟମାନଙ୍କ ସହିତ ସେଗୁଡ଼ିକୁ ବାଣ୍ଟିବା ଉଚିତ, ଯାହା ଦ୍ୱାରା କ୍ଳାନ୍ତ ମନ କିଛି ବିଶ୍ରାମ ପାଇପାରିବ । ଅତଏବ ତୁମର କ୍ଳାନ୍ତ ମନକୁ କିଛି ବିଶ୍ରାମ ଦିଅ । ମାନବ ଜୀବନ ମୂଲ୍ୟବାନ, ତଥାପି ଲୋକମାନେ ଏହାକୁ ଅନାବଶ୍ୟକ ଚିନ୍ତା, ଚାପ ଗମ୍ଭୀରତାରେ ପରିପୂର୍ଣ୍ଣ କରନ୍ତି । ଅନେକ ଲୋକ ନିରନ୍ତର କୌଣସି ନା କୌଣସି ଚିନ୍ତାରେ ବ୍ୟସ୍ତ ଥାଆନ୍ତି । ସେମାନଙ୍କ ମୁହଁରେ କ୍ଳାନ୍ତି, ମନ ଭୟ ଓ ହୃଦୟରେ ଅସନ୍ତୁଷ୍ଟ ପ୍ରତିଫଳିତ ହୁଏ । ଯେପରି ଜୀବନ କେବଳ ସଂଘର୍ଷ ଓ ବୋଝ ବ୍ୟତୀତ ଆଉ କିଛି ନୁହେଁ । ସତ୍ୟ ହେଉଛି ଜୀବନ କେବଳ କର୍ତ୍ତବ୍ୟ ଏଓଡ ସମସ୍ୟା ବିଷୟରେ ନୁହେଁ, ବରଂ ଆନନ୍ଦ, ଆଶା ଏବଂ ସନ୍ତୁଳନ ବିଷୟରେ ମଧ୍ୟ ।

ଆଜିକାଲି ଅଧିକାଂଶ ଲୋକ ନିଜ କାମ, ଦାୟିତ୍ୱ ଓ ଭବିଷ୍ୟତ ଚିନ୍ତାରେ ଏତେ ବୁଡ଼ି ରହିଛନ୍ତି ଯେ ସେମାନେ ବର୍ତ୍ତମାନର ଆନନ୍ଦ ଅନୁଭବ କରିପାରୁନାହାଁନ୍ତି । ପ୍ରତ୍ୟେକ ଛୋଟ ଛୋଟ କଥାକୁ ଗମ୍ଭୀରତାର ସହିତ ନେବା, ପ୍ରତ୍ୟେକ ଫଳାଫଳକୁ ଜୀବନ ଓ ମୃତ୍ୟୁର ପ୍ରଶ୍ନ କରିବା ଓ ପ୍ରତ୍ୟେକ ମୁହୂର୍ତ୍ତରେ ବ୍ୟସ୍ତ ରହିବା ବ୍ୟକ୍ତିକୁ ଭିତରୁ କ୍ଳାନ୍ତ କରିଦିଏ । ଯେତେବେଳେ ମନ ସବୁବେଳେ ଚାପଗ୍ରସ୍ତ ଥାଏ, ଜୀବନର ଆନନ୍ଦ ଧୀରେ ଧୀରେ କ୍ଷୀଣ ହୋଇଯାଏ । ବାସ୍ତବରେ, ପ୍ରକୃତ ଜ୍ଞାନ ଆହରଣ ସହିତ ଜୀବନ ବଞ୍ଚିବାରେ ରହିଛି ।

ଏହାର ଅର୍ଥ ନୁହେଁ ଯେ ଜଣେ ନିଜ କର୍ତ୍ତବ୍ୟରୁ ଦୂରେଇ ଯିବା କିମ୍ବା ପ୍ରୟାସ ତ୍ୟାଗ କରିବା ଉଚିତ୍ । ବରଂ ଜଣେ ନିଜ ପ୍ରୟାସ ସହିତ ସନ୍ତୁଳନ ବଜାୟ ରଖିବା ଆବଶ୍ୟକ । ଯଦି ଜଣେ ପ୍ରତ୍ୟେକ ପରିସ୍ଥିତିରେ ଟିକିଏ ଧୈର୍ଯ୍ୟ, ହାସ୍ୟରସ ଓ ସକାରାତ୍ମକତା ବଜାୟ ରଖେ, ତେବେ ଜୀବନ ବହୁତ ସରଳ ତଥା ଅଧିକ ଉପଭୋଗ୍ୟ ହୋଇପାରିବ । ଚାପ ଦୂର କରିବାର ଏକ ସରଳ ଉପାୟ ହେଉଛି ନିଜ ଜୀବନରେ ଆନନ୍ଦର ଛୋଟ ମୁହୂର୍ତ୍ତଗୁଡ଼ିକୁ ମୂଲ୍ୟ ଦେବା । ପ୍ରକୃତିର ସୌନ୍ଦର୍ଯ୍ୟକୁ ଦେଖିବା, ପରିବାର ଓ ବନ୍ଧୁମାନଙ୍କ ସହିତ ସମୟ ବିତାଇବା, ସଙ୍ଗୀତ ଶୁଣିବା କିମ୍ବା ଏକ ସକାରାତ୍ମକ ଚିନ୍ତାଧାରା ପଢ଼ିବା ମନକୁ ହାଲୁକା କରିଥାଏ । ଯେତେବେଳେ ମନ ହାଲୁକା ଥାଏ, ସେତେବେଳେ ସମସ୍ୟାଗୁଡ଼ିକ କଦାପି ଭାରୀ ମନେହୁଏ ନାହିଁ ।

ଜୀବନରେ ଖୁସି କେବଳ ବଡ଼ ସଫଳତାରେ ମିଳେ ନାହିଁ । ଏହା ଛୋଟ ଛୋଟ ଜିନିଷରେ ମଧ୍ୟ ଲୁଚି ରହିଥାଏ । କାହାକୁ ସାହାଯ୍ୟ କରିବା, କାହାକୁ ହସାଇବା କିମ୍ବା କ୍ଳାନ୍ତ ବ୍ୟକ୍ତିକୁ ଉତ୍ସାହିତ କରିବା ଜୀବନକୁ ଅର୍ଥପୂର୍ଣ୍ଣ କରିପାରେ । ଯେତେବେଳେ ଜଣେ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ ଆଶା ଓ ଉତ୍ସାହ ଆଣେ, ସେତେବେଳେ ସେମାନଙ୍କର ନିଜ ଜୀବନ ଉଜ୍ଜ୍ୱଳ ହୋଇଯାଏ । ଏକଦା ଏଲା ହ୍ୱିଲର ୱିଲକକ୍ସ କହିଥିଲେ, 'ଦୁନିଆ ପୂର୍ବରୁ ଦୁଃଖରେ ପରିପୂର୍ଣ୍ଣ, ତେଣୁ ନିଜ ସହିତ ଏହାକୁ ଭାରୀ କର ନାହିଁ ।' ଜୀବନର ପଥଗୁଡ଼ିକ ସବୁବେଳେ କଷ୍ଟକର ନୁହେଁ । ସେମାନଙ୍କର କୌଣସି ସ୍ଥାନରେ ସହଜ ଏବଂ ଉଜ୍ଜ୍ୱଳ ସ୍ଥାନ ମଧ୍ୟ ଥାଏ। ସେହି ଉଜ୍ଜ୍ୱଳ ଦିଗଗୁଡ଼ିକୁ ଖୋଜିବା ଓ ଅନ୍ୟମାନଙ୍କ ସହିତ ସେଗୁଡ଼ିକୁ ବାଣ୍ଟିବା ଉଚିତ, ଯାହା ଦ୍ୱାରା ଏକ କ୍ଳାନ୍ତ ମନ କିଛି ବିଶ୍ରାମ ପାଇପାରିବ ।

ଜୀବନର ଉଦ୍ଦେଶ୍ୟ ଚିନ୍ତା କରିବା ନୁହେଁ, ବରଂ ଆଶା ସହିତ ଆଗକୁ ବଢ଼ିବା । ଯେତେବେଳେ ଜଣେ ବ୍ୟକ୍ତି ନିଜ ଚିନ୍ତାଧାରାକୁ ସକାରାତ୍ମକ କରିଥାଏ, ତା'ର ମନ ଶାନ୍ତ ହୋଇଯାଏ ସେତେବେଳେ ଚାପ ଧୀରେ ଧୀରେ ହ୍ରାସ ପାଏ । ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ଜୀବନକୁ ଏକ ବୋଝ ନ ଭାବି ଏହାକୁ ଏକ ସୁଯୋଗ ଭାବରେ ଗ୍ରହଣ କରିବା ଓ ପ୍ରତ୍ୟେକ ଦିନ ଟିକିଏ ଖୁସି, ଟିକିଏ ଆଶା ଓ ଟିକିଏ ଆଲୋକ ଖୋଜିବା ପାଇଁ ଚେଷ୍ଟା କରିବା । ଜୀବନର ଆନନ୍ଦରୁ ଅନ୍ୟ ମାନଙ୍କୁ ବାଣ୍ଟିବା । ଯାହା ଦ୍ୱାରା ଶାନ୍ତିର ଆଲୋକ ବିସ୍ତାର କରିପାରିବା ।

ଏହାର ସରଳ ସୂତ୍ର ହେଉଛି ମଣିଷ ଜୀବନ କେବଳ ଚିନ୍ତା ଓ ଚାପ ବିଷୟରେ ନୁହେଁ, ବରଂ ଆନନ୍ଦ ଓ ଆଶା ବିଷୟରେ ମଧ୍ୟ । ଯଦି ଆମେ ପ୍ରତ୍ୟେକ ପରିସ୍ଥିତିରେ ସକାରାତ୍ମକତା ବଜାୟ ରଖିବା ଓ ଛୋଟ ଛୋଟ ଖୁସିକୁ ମୂଲ୍ୟ ଦେବା, ତେବେ ଜୀବନ ସରଳ ଓ ଉପଭୋଗ୍ୟ ହୋଇପାରିବ । ଆମେ ଆମର କାର୍ଯ୍ୟ ଓ ବାଣୀ ମାଧ୍ୟମରେ ଅନ୍ୟମାନଙ୍କ ଜୀବନରେ ଆଶା, ଉତ୍ସାହ ଓ ଶାନ୍ତିର ଆଲୋକ ବିସ୍ତାର କରିବା ଉଚିତ୍ ।

ଅତଏବ ଜୀବନ ସମୟର ଛାୟା ଚିତ୍ରରେ ପ୍ରବାହିତ । ଥରେ ହେନରୀ ଥମାସ ହାବଲିନ୍ କହିଥିଲେ, 'ସଠିକ୍ ପଥ ହେଉଛି ଆମର ଚିନ୍ତାଧାରାକୁ ପବିତ୍ର, ସକାରାତ୍ମକ ଓ ନିଃସ୍ୱାର୍ଥପର କରିବା । ଯେତେବେଳେ ଆମର ଚିନ୍ତାଧାରା ପରିବର୍ତ୍ତନ ହୁଏ, ସେତେବେଳେ ଆମର ମନୋଭାବ ପରିବର୍ତ୍ତନ ହୁଏ । ଯଦି ମନୋଭାବ ପରିବର୍ତ୍ତନ ହୁଏ, ତେବେ ଆଚରଣ ପରିବର୍ତ୍ତନ ହୁଏ ।'

କହିବା ବାହୁଲ୍ୟ ମନୋଭାବ ପରିବର୍ତ୍ତନ ହେଲେ ଆଚରଣ ବଦଳିଯାଏ । ମଣିଷର ମାନସିକ ଓ ଆଧାତ୍ମିକ ଶକ୍ତି ବହୁତ କମ ଥାଏ, କିନ୍ତୁ ଅଧିକାଂଶ ଲୋକ ଏହି ଶକ୍ତି ବିଷୟରେ ବହୁତ କମ୍ ଜାଣନ୍ତି । ଯଦିଓ ସାଧାରଣ ବ୍ୟକ୍ତି ଭୁଲ ଚିନ୍ତାଧାରା ଯୋଗୁଁ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ସେମାନେ ଜାଣିଶୁଣି ସେଗୁଡ଼ିକୁ ଦୁରୁପଯୋଗ କରିବାର ସମ୍ଭାବନା କମ୍ ଥାଏ । ତଥାପି ଯେଉଁମାନେ ଏହି ଆଭ୍ୟନ୍ତରୀଣ ଶକ୍ତିଗୁଡ଼ିକୁ ବ୍ୟବହାର କରିବାକୁ ଶିଖନ୍ତି ସେମାନଙ୍କୁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ପଡିବ । ଯଦି ଏହି ଶକ୍ତିଗୁଡ଼ିକର ଦୁରୁପଯୋଗ କରାଯାଏ, ତେବେ ସେମାନଙ୍କର ପରିଣାମ ବିସ୍ଫୋରକଠାରୁ ମଧ୍ୟ ଅଧିକ ବିନାଶକାରୀ ହୋଇପାରେ ।

ଏହାର ଅର୍ଥ ନୁହେଁ ଯେ ଜଣେ ବ୍ୟକ୍ତି ତୁରନ୍ତ ନିଜକୁ ନଷ୍ଟ କରିଦେବ । ବରଂ ସେମାନେ ସେମାନଙ୍କର ଜୀବନକୁ କଷ୍ଟକର କରିପାରନ୍ତି ଓ ଦୀର୍ଘ ସମୟ ପାଇଁ ସେମାନଙ୍କର ଆଧାତ୍ମିକ ପ୍ରଗତିକୁ ପଛକୁ ପକାଇପାରନ୍ତି । ଅନ୍ୟମାନଙ୍କୁ ନିୟନ୍ତ୍ରଣ କରିବା କିମ୍ବା ସ୍ୱାର୍ଥପର ଉଦ୍ଦେଶ୍ୟ ପାଇଁ ସେମାନଙ୍କୁ ପ୍ରଭାବିତ କରିବା ପାଇଁ ମନର ଶକ୍ତି ବ୍ୟବହାର କରିବା ଶେଷରେ ସେମାନଙ୍କୁ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ପାଇଁ କ୍ଷତିକାରକ ପ୍ରମାଣିତ ହୁଏ । ଏହି ଶକ୍ତିଗୁଡ଼ିକୁ କେବଳ ଅନ୍ୟମାନଙ୍କ ଲାଭ ପାଇଁ ବ୍ୟବହାର କରିବା ମଧ୍ୟ ଅନ୍ୟାୟ । ପ୍ରତ୍ୟେକ ଆତ୍ମାର ନିଜ ଜୀବନ ଅଭିଜ୍ଞତାରୁ ଶିଖିବାର ଅଧିକାର ଅଛି ।

ଜୀବନର ମୂଳ ଉଦ୍ଦେଶ୍ୟ ହେଉଛି ସେମାନଙ୍କ ନିଷ୍ପତ୍ତି, ଭୁଲ ଓ ଅଭିଜ୍ଞତାରୁ ଜ୍ଞାନ ଅର୍ଜନ କରିବା । ଯଦି ଆମେ ମାନସିକ ଭାବରେ କାହାକୁ ପ୍ରଭାବିତ କରୁ ଓ ତାଙ୍କ ସ୍ୱାଧୀନତାକୁ ଛଡ଼ାଇ ନେଉ, ତେବେ ଆମେ ସେମାନଙ୍କର ବିକାଶର ପ୍ରାକୃତିକ ପଥକୁ ବାଧା ଦେଉଛୁ । ପ୍ରତିବନ୍ଧକ ସାଜୁଛୁ । ଅନେକ ଲୋକ ବିଶ୍ୱାସ କରନ୍ତି ଯେ ସେମାନେ ସେମାନଙ୍କ ମନର ଶକ୍ତି ମାଧ୍ୟମରେ ଅନ୍ୟମାନଙ୍କୁ ସୁସ୍ଥ କରିପାରିବେ, କିନ୍ତୁ ଯଦି ଏହି ପରିବର୍ତ୍ତନ କେବଳ ବାହ୍ୟ ପରାମର୍ଶ ମାଧ୍ୟମରେ ଘଟେ, ତେବେ କହିବି ଏହା ସ୍ଥାୟୀ ନୁହେଁ । ଯେପର୍ଯ୍ୟନ୍ତ ପରାମର୍ଶ ଜାରି ରହେ, ଏହାର ପ୍ରଭାବ ଦୃଶ୍ୟମାନ ହୁଏ, କିନ୍ତୁ ଏହା ସମାପ୍ତ ହେବା ମାତ୍ରେ, ବ୍ୟକ୍ତି ପୂର୍ବ ଅବସ୍ଥାକୁ ଫେରିଯାଏ । ତେଣୁ, ସର୍ବୋତ୍ତମ ପଥ ହେଉଛି ସକାରାତ୍ମକ ଚିନ୍ତାଧାରା ମନଭିତରେ ପୋଷଣ କରିବା ଓ ଆତ୍ମ-ପରାମର୍ଶ ମାଧ୍ୟମରେ ନିଜର ଶକ୍ତିକୁ ଜାଗ୍ରତ କରିବା ।

ମଣିଷ ପାଇଁ ସବୁଠାରୁ ସୁରକ୍ଷିତ ଓ ସବୁଠାରୁ ଶକ୍ତିଶାଳୀ ଉପାୟ ହେଉଛି ନିଜ ଭିତରେ ନୀରବତାକୁ ଆବିଷ୍କାର କରିବା । ଯେତେବେଳେ ଆମେ ଶାନ୍ତ ମନରେ ଭିତରକୁ ଦେଖୁ, ଆମେ ସର୍ବଦା ଆମ ଭିତରେ ଥିବା ଦିବ୍ୟ ଶକ୍ତିକୁ ଅନୁଭବ କରୁ । ଏହି ଆଭ୍ୟନ୍ତରୀଣ ଶାନ୍ତି ଆମକୁ ସଠିକ ଦିଗରେ ଚିନ୍ତା କରିବାକୁ ଓ ଆମର ଜୀବନକୁ ଉନ୍ନତ କରିବାକୁ ପ୍ରେରଣା ଦିଏ । ତଥାପି ଯଦି ଜଣେ ବ୍ୟକ୍ତି ଏହି ଆଭ୍ୟନ୍ତରୀଣ ଶକ୍ତିକୁ କେବଳ ବଳପୂର୍ବକ ଧନ, ଆନନ୍ଦ କିମ୍ବା ଭୌତିକ ଇଚ୍ଛା ହାସଲ କରିବା ପାଇଁ ବ୍ୟବହାର କରନ୍ତି, ତେବେ ସେମାନେ ସ୍ୱକୀୟ ଜୀବନର ସନ୍ତୁଳନକୁ ବିପର୍ଯ୍ୟସ୍ତ କରନ୍ତି । ପ୍ରକୃତିର ନିଜସ୍ୱ ନିୟମ ଓ ଲୟ ଅଛି । ଯେତେବେଳେ ଆମେ ଏହାକୁ ଆମର ଇଚ୍ଛାଶକ୍ତି ସହିତ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁ, ଆମେ ଶେଷରେ ନିରାଶା ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେଣୁ ସଠିକ୍ ପଥ ହେଉଛି ଆମର ଚିନ୍ତାଧାରା ଶୁଦ୍ଧ, ସକାରାତ୍ମକ ଓ ନିଃସ୍ୱାର୍ଥପର କରିବା । ଆଗରୁ ସୂଚେଇ ଦେଇଛି ଯଦି ଆମର ଚିନ୍ତାଧାରା ପରିବର୍ତ୍ତନ ହୁଏ, ତେବେ ସେଠାରେ ଆମ ମନୋଭାବର ପରିବର୍ତ୍ତନ ଘଟେ । ଯେତେବେଳେ ମନୋଭାବ ପରିବର୍ତ୍ତନ ହୁଏ, ସେତେବେଳେ ଆମର ଆଚରଣ ପରିବର୍ତ୍ତନ ହୋଇଯାଏ ।

ତେଣୁ ' ମଣିଷ ଭିତରେ ଅକଳନ ଶକ୍ତି' ରହିଛି । ଥରେ ନିଜକୁ ଚିହ୍ନନ୍ତୁ ଓ ବିଚାର କରନ୍ତୁ 'ପ୍ରତ୍ୟେକ ମଣିଷ ଭିତରେ ଅସୀମ ମାନସିକ ଓ ଆଧାତ୍ମିକ ଶକ୍ତି ଲୁଚି ରହିଛି । ଯେତେବେଳେ ଆମେ ଆମର ଚିନ୍ତାଧାରା ଶୁଦ୍ଧ, ସକାରାତ୍ମକ ଓ ନିଃସ୍ୱାର୍ଥପର କରିବା, ସେତେବେଳେ ଆମ ଜୀବନର ଦିଗ ପରିବର୍ତ୍ତନ ହେବା ଆରମ୍ଭ ହୋଇଯିବ । ପ୍ରକୃତ ଶକ୍ତି ଅନ୍ୟମାନଙ୍କୁ ନିୟନ୍ତ୍ରଣ କରିବାରେ ନୁହେଁ, ବରଂ ନିଜକୁ ବୁଝିବା ଓ ଉନ୍ନତ କରିବାରେ ରହିଛି । ଦିବ୍ୟ ମାର୍ଗଦର୍ଶନ କେବଳ ଏକ ଶାନ୍ତ ମନରେ ମିଳିଥାଏ । ତେଣୁ ମଣିଷ ସ୍ୱୟଂ ନିଜେ ନିଜ ପାଇଁ ରହସ୍ୟ । କାରଣ ସେ ବୁଝି, ନବୁଝିଲା ପରି ରହେ..!!!

+ଅଧ୍ୟକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗୀୟ ମୁଖ୍ୟ
ମହାନଦୀ ବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ ,
କଟକ -୪ ,
ମୋ: ୯୦୪୦୧୫୧୪୭୫

# ଲାଲ କରିଡର ମୂଳପୋଛ !

ସୌଭାଗ୍ୟ ରଂଜନ ମହାନ୍ତି

ଦେଶରେ ଲାଲ କରିଡର ସଂକୁଚିତ ହୋଇଯାଇଛି। ଏହା ମଧ୍ୟ କୁହାଯାଇପାରି ଯେ, ଦେଶରେ ନକସଲବାଦ ବା ଲାଲକରିଡରର ପ୍ରାୟ ମୂଳୋତ୍ପାଟନ ଘଟିଛି। ଗଲା ଶତାବ୍ଦୀ ଶେଷ ସୁଦ୍ଧା ଦେଶର ୨୦୦ଟି ଜିଲ୍ଲାରେ ନକସଲ ଅଧ୍ୟୁଷିତ ଭାବେ ଜଣାଶୁଣା ଥିଲାବେଳେ ଗତ ଦୁଇ ଦଶନ୍ଧି ପରେ ଏବେ ମାତ୍ର ଦୁଇଟି ଜିଲ୍ଲାରେ ସୀମିତ ରହିଛି। ଦେଶରେ ନକସଲବାଦକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହ ଦେଶର ଆଭ୍ୟନ୍ତରୀଣ ନିରାପତା ପ୍ରତି ସବୁଠାରୁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି ବର୍ଣ୍ଣନା କରିଥିଲେ। ତେବେ ୨୦୨୬ ମାର୍ଚ୍ଚ ୩୧ସୁଦ୍ଧା ଦେଶରୁ ନକସଲଙ୍କ ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାରଙ୍କ ସଂକଳ୍ପ, ଶେଷରେ ସତ୍ୟରେ ପରିଣତ ହୋଇଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ୨୦୨୬ ମାର୍ଚ୍ଚ ୩୧ସୁଦ୍ଧା ଦେଶରୁ ନକସଲଙ୍କ ମୂଳୋତ୍ପାଟନ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ସଂକଳ୍ପ ଘୋଷଣା କରିଥିଲେ। କିନ୍ତୁ କଂଟ ପୁରିବାର ଦିନକ ପୂର୍ବରୁ ଅର୍ଥାତ ଗଲା ୩୦ ତାରିଖ ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଲୋକସଭାରେ ବିବୃତି ଦେଇ କହିଥିଲେ ଯେ, ଦେଶରୁ ନକସଲବାଦର ମୂଳପୋଛ ଘଟିଛି। ଗଲା ୩ବର୍ଷ ଧରି ଅର୍ଦ୍ଧସାମରିକ ବାହିନୀ ଯବାନଙ୍କ ଲଗାତାର ଅପରେସନ ଯୋଗୁଁ ୪୮୩୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ୨୨୧୮ ଜଣଙ୍କୁ ଗିରଫ ହୋଇଛନ୍ତି ଏବଂ ୭୦୬ଜଣ ନିହତ ହୋଇଛନ୍ତି। ଦେଶରେ ଆଦିବାସି ବହୁଳ ଦୁର୍ଗମ ଅଂଚଳରେ ୭୦ଦଶକରୁ ପ୍ରାୟ ୨୦୦ ଜିଲ୍ଲାରେ ନକସଲ ସକ୍ରୀୟ ଥିବା ଏବେ ସେମାନଙ୍କ ଆଡ୍ଡା ମାତ୍ର ୨ଟି ଜିଲ୍ଲାକୁ ଖସିଆସିଛି। କିନ୍ତୁ ଏହା ନିସନ୍ଦେହ ଯେ, ଏହି ସଫଳତା କେବଳ ଉନ୍ନତମାନର ନିରାପତା ରଣକୌଶଳ ଏବଂ ରାଜ୍ୟ ସରକାରମାନଙ୍କ ପ୍ରୋତ୍ସାହନ ଯୋଗୁଁ ସମ୍ଭବ ହୋଇଛି। ମାଓ ମୂଳେତ୍ପାଟନ ପାଇଁ ନିରାପତାରକ୍ଷୀ ବାହିନୀ କେବଳ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିନଥିଲେ, ଉନ୍ନତମାନର ବୈଷୟିକ କୌଶଳ ତଥା ନକସଲଙ୍କ ଆଡ୍ଡା, ଗତିବିଧି ନିରୀକ୍ଷଣ ପାଇଁ ଡ୍ରୋନ ବ୍ୟବହାର କରାଯାଇଥିଲା। କେବଳ ଏତିକି ନୁହେଁ, କେନ୍ଦ୍ରୀୟ ଥଇଥାନ ପ୍ୟାକେଜ, ଆର୍ଥୀକ ସହାୟତା, ସାମାଜିକ ପୁର୍ନମିଳନ ଏବଂ ଭୋକେସନାଲ ତାଲିମ ଆତ୍ମ ସମର୍ପଣ ପାଇଁ ନକସଲଙ୍କୁ ପ୍ରୋତ୍ସାହିତ କରିଥିଲା। କହିବା ବାହୁଲ୍ୟ ଯେ, ଏଡି ସଫଳତା ପାଇଁ ଗୋଟିଏ ପଟେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ନିଜକୁ ଦୃଢ ଦାବିଦାର ଭାବେ ଉପସ୍ଥାପିତ କରୁଥିବାବେଳେ ଅନ୍ୟପଟେ ଅତୀତର ସରକାରମାନଙ୍କର ଦୃଢ ଇଚ୍ଛାଶକ୍ତି ଅଭାବ ରହିଥିବା କହିଛି। ତେବେ ସେ ଯାହା ହେଉନା କାହିଁକି ହିଂସା, ରକ୍ତପାତ ଦ୍ୱାରା କୌଣସି ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ ବୋଲି ନକସଲ ସଂଗଠନ ହୃଦୟଙ୍ଗମ କରିଥିବା କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ସତୁରି ଦଶକରେ ପଶ୍ଚିମବଙ୍ଗରେ ଏକ ଆଦର୍ଶ ନେଇ ଆତ୍ମପ୍ରକାଶ କରିଥିବା ନକସଲବାଦର ପ୍ରଭାବ ଓଡିଶା, ବିହାର, ଝାଡଖଣ୍ଡ, ଛତିଶଗଡ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରର ଆଦିବାସୀ ବହୁଳ ଅଂଚଳ, ଜଙ୍ଗଲ ଏବଂ ଖଣିଜ ସମ୍ପଦ ଅଂଚଳର ପ୍ରାୟ ୨୦୦ଜିଲ୍ଲାରେ ପ୍ରଭାବ ବିସ୍ତାର କରିବା ପାଇଁ ଶିଖର ଛୁଇଁଥିଲା। ଲକ୍ଷ୍ୟ, ଆଦର୍ଶ ପୁରଣ ପାଇଁ ସେମାନେ ହିଂସା, ରକ୍ତପାତର ଆଶ୍ରୟ ନେଇଥିଲେ, ଯାହାକି ଗଲା ୬ ଦଶନ୍ଧି ଧରି ଉଭୟ ସରକାର ସୁରକ୍ଷା ବଳୟ ଏବଂ ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଥିଲା । ଆମ ରାଜ୍ୟରେ ୨୦୧୨ ମସିହା ବେଳକୁ ୩୦ଟି ଜିଲ୍ଲା ମଧ୍ୟରୁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା, ଲଗାତାର ନକସଲ ବିରୋଧି ଲଢେଇ ଏବଂ ଆତ୍ମସମର୍ପଣ ପାଇଁ ବ୍ୟାପକ ପ୍ରୋତ୍ସାହନ ଆର୍ଥୀକ ସହାୟତା ଯୋଗୁଁ ୨୦୨୫ ବେଳକୁ ୯ଟି ଜିଲ୍ଲାକୁ ଖସି ଆସିଥିଲା। ଏବେ କନ୍ଧମାଳରେ ୮ରୁ ୯ ଜଣ ମାଓବାଦୀ ସକ୍ରୀୟ ଥିବା କୁହାଯାଏ। ସେମାନଙ୍କୁ ଖୋଜିଖୋଜି ହତ୍ୟା କିମ୍ବା ଧରିବା ଲାଗି ସୁରକ୍ଷା ବଳୟ ସଂକଳ୍ପବଦ୍ଧ ଥିବା ମନେହୁଏ। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ନକସଲବାଦ ଲଢେଇରେ ୨୩୯ ଜଣ ସୁରକ୍ଷାକର୍ମୀ ପ୍ରାଣ ହରାଇଥିବାବେଳେ ୩୫୯ ଜଣ ସାଧାରଣ ଲୋକ ହତ୍ୟାର ଶିକାର ହୋଇଥିବା ଜଣାଯାଏ। ୨୦୨୫ରୁ ବର୍ତମାନ ସୁଦ୍ଧା ଦୁଇ କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ସହ ୨୭ ମାଓବାଦୀ ନିହତ ହୋଇଥିବା ବେଳେ ୪ରାଜ୍ୟ କମିଟି ସଦସ୍ୟଙ୍କ ସହ ୨୦୦ରୁ ଉର୍ଦ୍ଧ୍ୱ ସକ୍ରୀୟ ନକସଲ ଆତ୍ମ ସମର୍ପଣ କରିଥିବା କୁହାଯାଏ। କନ୍ଧମାଳ ଜିଲ୍ଲାରେ ୮ ରୁ ୯ଜଣ ମାଓବାଦୀଙ୍କୁ ଛାଡିଦେଲେ ଏବେ ଦେଶର ଦୁଇଟି ଜିଲ୍ଲାରେ ସେମାନେ ଅଛନ୍ତି। କିନ୍ତୁ ଏହା ନିସନ୍ଦେହ ଯେ, ସୁରକ୍ଷାବଳୟର କାର୍ଯ୍ୟାନୁଷ୍ଠାନରେ ସେମାନଙ୍କର ମନୋବଳ ନିଶ୍ଚିତ ଭାବେ ଦୋହଲି ଯାଇଥିବ। ପରିସ୍ଥିତି ପ୍ରତି ସୁରକ୍ଷା ବଳୟ କଡା ନଜର ରଖିବା ଜରୁରୀ, ଅନ୍ୟପକ୍ଷରେ ନକସଲ ପ୍ରଭାବିତ ଆଦିବାସୀ ବହୁଳ ଅଂଚଳ, ଖଣି ଅଂଚଳ ଏବଂ ଖଣିଜ ସମ୍ପଦ ଭରା ଅଂଚଳ ଏବଂ ବାସିନ୍ଦାଙ୍କ ବିକାଶକୁ ସରକାର ତ୍ୱରାନ୍ୱିତ କରିବା ଜରୁରୀ। ଅତୀତରେ ସେମାନଙ୍କ ପ୍ରତି ଅବହେଳାରୁ ମାଓବାଦୀ ଜନ୍ମ ନେଇଥିଲା। ସରକାର ସେ ଭୁଲ ବ ତୃଟିର ପୁନରାବୃତି ଯେପରି ନହୁଏ, ଧ୍ୟାନ ଦେବା ଆବଶ୍ୟକ। ଜନହିତକର ଯୋଜନା, ସମାନ ଅଧିକାର ଏବଂ ଦୀର୍ଘକାଳୀନ ବିକାଶମୂଳକ ଯୋଜନା ଦ୍ୱାରା ମାଓବାଦକୁ ହଟାଇବାକୁ ହେବ। ଅନ୍ୟଥା ପାଉଁଶ ଗଦାର ନିଆଁ ଭୟଙ୍କର ହେବା ଭଳି ନକସଲବାଦ ପୁଣି ମୁଣ୍ଡ ଟେକିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯

# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ - ସତ୍‌ସଙ୍ଗର ଆହ୍ୱାନ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିଲେ କରିବ ବ୍ୟାଧିର ଜୟ। ପୁଣି କହିଛନ୍ତି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।

+ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ ଓ
ପ୍ରଫେସର ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ମୋ : ୯୪୩୭୦୫୧୯୫୭

# ଖଣ୍ଡିତ ଇଣ୍ଟରନେଟ୍, ସଙ୍କୁଚିତ ସ୍ୱାଧୀନତା

ଭାରତରେ ଜଣେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଅନୁଭୂତି କେବଳ ଡାଟା ପ୍ୟାକେଟର ମୂଲ୍ୟ କିମ୍ବା ନେଟୱର୍କର ସ୍ପିଡ୍ ଉପରେ ନିର୍ଭର କରେ ନାହିଁ, ବରଂ ସେମାନେ କେଉଁ ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡର୍ (ଆଇଏସପି) ବାଛୁଛନ୍ତି ତାହା ଉପରେ ବହୁମାତ୍ରାରେ ନିର୍ଭରଶୀଳ । କାରଣ, ଭାରତରେ ବିଭିନ୍ନ ଆଇଏସପି ମାଧ୍ୟମରେ ଇଣ୍ଟରନେଟର ଉପଲବ୍ଧତା ସମାନ ନୁହେଁ । ଜଣେ ଉପଭୋକ୍ତା ଇଣ୍ଟରନେଟର କେତେ ଅଂଶ ଆକ୍ସେସ୍ କରିପାରିବେ ବା ଦେଖିପାରିବେ, ତାହା ଗୋଟିଏ ଆଇଏସପିରୁ ଅନ୍ୟ ଏକ ଆଇଏସପି ମଧ୍ୟରେ ବଦଳିଯାଏ । ସମଗ୍ର ବିଶ୍ୱ ଭଳି ଭାରତରେ ମଧ୍ୟ ସରକାର ଏବଂ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଆଇଏସପିଗୁଡ଼ିକ ବିଭିନ୍ନ ୱେବସାଇଟ୍ ବ୍ଲକ୍ କିମ୍ବା ବନ୍ଦ କରିଥାନ୍ତି । ତଥାପି, ଏହି ବ୍ଲକିଂ ପ୍ରକ୍ରିୟାର କାର୍ଯ୍ୟକାରିତା ସମସ୍ତ ସେବା ପ୍ରଦାନକାରୀଙ୍କ କ୍ଷେତ୍ରରେ ସମାନ ନୁହେଁ ଏବଂ ସେମାନଙ୍କର ନିଷିଦ୍ଧ ତାଲିକାରେ ବ୍ୟାପକ ଭିନ୍ନତା ଦେଖିବାକୁ ମିଳେ । ଏହା ଭାରତର ଇଣ୍ଟରନେଟ୍ ସେନ୍ସରସିପ୍ ବ୍ୟବସ୍ଥାର ଏକ ଜଟିଳ ଏବଂ ଅସ୍ୱଚ୍ଛ ଚିତ୍ରକୁ ସାମ୍ନାକୁ ଆଣିଥାଏ, ଯାହା ପ୍ରାୟ ୯୦ କୋଟିରୁ ଅଧିକ ଉପଭୋକ୍ତାଙ୍କ ଡିଜିଟାଲ୍ ଅଧିକାର ଉପରେ ଗଭୀର ପ୍ରଭାବ ପକାଉଛି ।

ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ଆଇନ, ୨୦୦୦ର ଧାରା ୬୯ଏ ଏବଂ ୭୯ ସରକାରଙ୍କୁ ଆଇଏସପି ଏବଂ ମଧ୍ୟସ୍ଥିମାନଙ୍କୁ ୱେବସାଇଟ୍ ବ୍ଲକ୍ କରିବା ପାଇଁ ନିର୍ଦ୍ଦେଶ ଦେବାର ବିଶେଷ କ୍ଷମତା ପ୍ରଦାନ କରିଥାଏ । ଆଇଏସପିମାନଙ୍କ ପାଇଁ ଥିବା ଲାଇସେନ୍ସ ଚୁକ୍ତିନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ସରକାରଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସାଇଟ୍ ଗୁଡ଼ିକୁ ସେମାନେ ବ୍ଲକ୍ କରିବାକୁ ବାଧ୍ୟ ଏବଂ ଏହି ଆଦେଶଗୁଡ଼ିକୁ ଗୋପନୀୟ ରଖିବା ଜରୁରୀ। କପିରାଇଟ୍ ଏବଂ ଟ୍ରେଡମାର୍କ ବିବାଦରେ ନ୍ୟାୟାଳୟଙ୍କ ଆଦେଶର ଅଂଶବିଶେଷ ଭାବରେ ବ୍ଲକିଂ ନିର୍ଦ୍ଦେଶ ସାର୍ବଜନୀନ କରାଯାଇଥାଏ । କିନ୍ତୁ ଅଧିକାଂଶ ସମୟରେ, ୱେବସାଇଟ୍ ବ୍ଲକିଂ କେବଳ ସେତେବେଳେ ଲୋକଲୋଚନକୁ ଆସେ ଯେତେବେଳେ ଉପଭୋକ୍ତାମାନେ ଏହାକୁ ଖୋଲିବାରେ ଅସମର୍ଥ ହୋଇ ପ୍ରଶ୍ନ ଉଠାନ୍ତି, ଯେପରି ନିକଟରେ ସୁପାବେସ୍ (Supabase) ବ୍ଲକ୍ ହେବା ସମୟରେ ଦେଖାଯାଇଥିଲା। ଏହି ସେନ୍ସରସିପ୍ କେବଳ ୱେବସାଇଟ୍ ବ୍ଲକିଂରେ ସୀମିତ ନୁହେଁ, ବରଂ ଏକ୍ସ (ପୂର୍ବରୁ ଟ୍ୱିଟର), ଫେସବୁକ୍ ଏବଂ ୟୁଟ୍ୟୁବ୍ ଭଳି ସୋସିଆଲ୍ ମିଡିଆ ପ୍ଲାଟଫର୍ମଗୁଡ଼ିକ ପାଇଁ ମଧ୍ୟ ଏକ ବଡ଼ ଆହ୍ୱାନ ପାଲଟିଛି । ଆଇଟି ଆଇନର ଧାରା ୬୯ଏ ଅଧୀନରେ ସରକାର ସୋସିଆଲ୍ ମିଡିଆ କମ୍ପାନୀଗୁଡ଼ିକୁ ଯେଉଁ ବ୍ଲକିଂ ଆଦେଶ ଦିଅନ୍ତି, ତାହା ଅତ୍ୟନ୍ତ ଅସ୍ୱଚ୍ଛ ଅଟେ । ୨୦୦୯ ମସିହାର ଆଇଟି ନିୟମାବଳୀର ଧାରା ୧୬ ଅନୁଯାୟୀ ଏହି ବ୍ଲକିଂ ନିର୍ଦ୍ଦେଶଗୁଡ଼ିକୁ ସମ୍ପୂର୍ଣ୍ଣ ଗୋପନୀୟ ରଖିବା ବାଧ୍ୟତାମୂଳକ । ସୋସିଆଲ୍ ମିଡିଆ କମ୍ପାନୀଗୁଡ଼ିକ ମଧ୍ୟ ନିଜର 'ସେଫ୍ ହାର୍ବର' (Safe Harbor) ସୁରକ୍ଷା ହରାଇବା କିମ୍ବା ଆପରାଧିକ ମାମଲାର ସମ୍ମୁଖୀନ ହେବା ଭୟରେ ଚୁପଚାପ୍ ଏହି ଆଦେଶଗୁଡ଼ିକୁ ପାଳନ କରିବାକୁ ବାଧ୍ୟ ହୁଅନ୍ତି। ଏହି ଅସ୍ୱଚ୍ଛ ପ୍ରକ୍ରିୟା ଏବଂ ପ୍ରତିବର୍ଷ ହଜାର ହଜାର ୟୁଆରଏଲ୍ (URL) ବ୍ଲକ୍ ହେବା ଭାରତରେ ଡିଜିଟାଲ୍ ସେନ୍ସରସିପର ବ୍ୟାପକତାକୁ ଦର୍ଶାଉଛି ।

ବୈଷୟିକ ଦୃଷ୍ଟିକୋଣରୁ ଇଣ୍ଟରନେଟ୍ ମୁଖ୍ୟତଃ ଏଚଟିଟିପି (HTTP), ଟିଏଲଏସ୍ (TLS) ଏବଂ ଡିଏନଏସ୍ (DNS) ଭଳି ପ୍ରୋଟୋକଲକୁ ନେଇ ଗଠିତ । ବ୍ଲକିଂ ନିର୍ଦ୍ଦେଶ ପାଇବା ପରେ ଆଇଏସପି ଏହି ପ୍ରୋଟୋକଲଗୁଡ଼ିକ ମଧ୍ୟରୁ ଯେକୌଣସି ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ୱାଧୀନ ଥାଏ । ଡିଏନଏସ୍ ହେଉଛି ପ୍ରଥମ ସ୍ତର ଯାହା ୱେବସାଇଟର ନାମକୁ ଏକ ଆଇପି (IP) ଠିକଣାରେ ପରିଣତ କରେ । ଡିଏନଏସ୍ ସ୍ତରରେ କୌଣସି ଡୋମେନକୁ ବ୍ଲକ୍ କରିବାକୁ ଆଇଏସପି ନିଜ ସର୍ଭରକୁ ଏକ ଭୁଲ୍ ଉତ୍ତର ଦେବା ପାଇଁ ସେଟ୍ କରେ, ଯାହାକୁ 'ଡିଏନଏସ୍ ପଏଜନିଂ' କୁହାଯାଏ । ଏହାଦ୍ୱାରା ଉପଭୋକ୍ତାଙ୍କ ଅନୁରୋଧ ପ୍ରକୃତ ଠିକଣାରେ ପହଞ୍ଚିବା ପରିବର୍ତ୍ତେ ଆଇଏସପି ସ୍ଥିର କରିଥିବା ଅନ୍ୟ ଠିକଣାରେ ପହଞ୍ଚେ । ଏଚଟିଟିପିଏସ୍ (HTTPS) ୱେବସାଇଟଗୁଡ଼ିକ ପାଇଁ ଆଇଏସପିଗୁଡ଼ିକ ସର୍ଭର୍ ନେମ୍ ଇଣ୍ଡିକେସନ୍ (SNI) ଫିଲ୍ଡ ଉପରେ ନଜର ରଖି ସଂଯୋଗ ସ୍ଥାପିତ ହେବା ପୂର୍ବରୁ କାଟି ଦିଅନ୍ତି । ତେବେ ବାସ୍ତବରେ, ଅଧିକାଂଶ ଭାରତୀୟ ଆଇଏସପି ମୁଖ୍ୟତଃ ଡିଏନଏସ୍ ବ୍ଲକିଂ ଉପରେ ନିର୍ଭର କରନ୍ତି କାରଣ ଏହା ଶସ୍ତା ଏବଂ ଏଥିପାଇଁ କୌଣସି ଗଭୀର ପ୍ୟାକେଟ୍ ଯାଞ୍ଚର (Deep Packet Inspection) ଆବଶ୍ୟକତା ପଡ଼େ ନାହିଁ ।

ଭାରତରେ ୱେବସାଇଟ୍ ବ୍ଲକିଂର ବ୍ୟାପକତାକୁ ବୁଝିବା ପାଇଁ କରାଯାଇଥିବା ଏକ ବିଶାଳ ଅଧ୍ୟୟନରେ ୬ଟି ପ୍ରମୁଖ ଜାତୀୟ ଏବଂ ଆଞ୍ଚଳିକ ଆଇଏସପିର ଡିଏନଏସ୍ ସର୍ଭର ବ୍ୟବହାର କରି ପ୍ରାୟ ୨୯୪ ନିୟୁତ (୨୯.୪ କୋଟି) ଡୋମେନର ସେନ୍ସରସିପ୍ ପରୀକ୍ଷା କରାଯାଇଥିଲା । ଏଥିରୁ ସ୍ପଷ୍ଟ ହୋଇଛି ଯେ ସମାନ ନିର୍ଦ୍ଦେଶ ପାଇବା ସତ୍ତ୍ୱେ ସମସ୍ତ ଆଇଏସପି ସମାନ ୱେବସାଇଟ୍ ବ୍ଲକ୍ କରୁନାହାଁନ୍ତି । ସମୁଦାୟ ୪୩,୦୮୩ଟି ବ୍ଲକ୍ ହୋଇଥିବା ଡୋମେନ୍ ମଧ୍ୟରୁ ମାତ୍ର ୧,୪୧୪ଟି ଡୋମେନ୍ ସମସ୍ତ ୬ଟି ଆଇଏସପି ଦ୍ୱାରା ସମାନ ଭାବେ ବ୍ଲକ୍ କରାଯାଇଥିଲା । ପାଇରେସୀ, ଅଶ୍ଳୀଳ ଚିତ୍ର ଏବଂ ଜୁଆ ଖେଳ ସମ୍ବନ୍ଧୀୟ ୱେବସାଇଟ୍ କ୍ଷେତ୍ରରେ ଆଇଏସପିଗୁଡ଼ିକ ମଧ୍ୟରେ ବ୍ଲକିଂ କ୍ରମାଗତ ଭାବେ ଲାଗୁ କରାଯାଇନଥିବା ବେଳେ ଆତଙ୍କବାଦ ଏବଂ ଉଗ୍ରବାଦୀ ବିଷୟବସ୍ତୁ ଥିବା ଡୋମେନଗୁଡ଼ିକ ପାଇଁ ସମସ୍ତଙ୍କ ମଧ୍ୟରେ ବ୍ଲକିଂ ସମାନତା ଦେଖିବାକୁ ମିଳିଥିଲା । ଚାଇନାର ୱିବୋ (Weibo.com) କିମ୍ବା ଶ୍ରୀନଗର ସ୍ଥିତ ଖବରକାଗଜ ଦି କାଶ୍ମୀର ୱାଲା ର ୱେବସାଇଟ୍ ବ୍ଲକ୍ କରିବାରେ ସମସ୍ତ ଆଇଏସପି ସମ୍ପୂର୍ଣ୍ଣ ସହମତି ପ୍ରଦର୍ଶନ କରିଛନ୍ତି । ଏଥିରୁ ପ୍ରମାଣିତ ହୁଏ ଯେ କିଛି ଆଦେଶକୁ ଅନ୍ୟମାନଙ୍କ ତୁଳନାରେ ଅଧିକ ଗୁରୁତ୍ୱର ସହ ନିଆଯାଉଛି ।

ଇଣ୍ଟରନେଟ୍ ସେନ୍ସରସିପର ଏହି ପରିସ୍ଥିତି କେବଳ ୱେବସାଇଟ୍ ବ୍ଲକିଂରେ ସୀମିତ ନୁହେଁ, ବରଂ ସମ୍ପୂର୍ଣ୍ଣ ଇଣ୍ଟରନେଟ୍ ସଟଡାଉନ୍ କ୍ଷେତ୍ରରେ ମଧ୍ୟ ଭାରତର ସ୍ଥିତି ଉଦବେଗଜନକ ରହିଛି । ବିରୋଧ ପ୍ରଦର୍ଶନ, ସାମ୍ପ୍ରଦାୟିକ ହିଂସା ଏବଂ ଏପରିକି ସାଧାରଣ ପ୍ରତିଯୋଗିତାମୂଳକ ପରୀକ୍ଷା ସମୟରେ କପି ରୋକିବା ଆଳରେ ରାଜସ୍ଥାନ, ଆସାମ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ବାରମ୍ବାର ଇଣ୍ଟରନେଟ୍ ବନ୍ଦ କରିଦିଆଯାଉଛି । ଏହା ସୂଚନାର ପ୍ରବାହକୁ ନିୟନ୍ତ୍ରଣ କରିବା ସହ ଦେଶର ଅର୍ଥନୀତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏକ ପ୍ରମାଣିତ ଢାଞ୍ଚାର ଅଭାବରେ, ଆଇଏସପିଗୁଡ଼ିକୁ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବାକୁ ଛାଡି ଦିଆଯାଇଛି । ଗୋଟିଏ ସେବା ପ୍ରଦାନକାରୀଙ୍କ ଦ୍ୱାରା ବ୍ଲକ୍ ହୋଇଥିବା ଡୋମେନ୍ ଅନ୍ୟ ଏକ ଆଇଏସପି ମାଧ୍ୟମରେ ସହଜରେ ଉପଲବ୍ଧ ହେଉଛି, ଯାହା ବ୍ଲକିଂର ମୂଳ ଉଦ୍ଦେଶ୍ୟକୁ ବିଫଳ କରୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଆନୁଷ୍ଠାନିକ ଭାବରେ ଅନବ୍ଲକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡୋମେନଗୁଡ଼ିକ ମଧ୍ୟ ଆଦେଶର ଖୋଲା ଉଲ୍ଲଂଘନ କରି କିଛି ଆଇଏସପିଙ୍କ ଦ୍ୱାରା ବ୍ଲକ୍ ହୋଇ ରହୁଛି, ଯାହା ପାଇଁ ସେମାନଙ୍କୁ କୌଣସି ଦଣ୍ଡ ଦିଆଯାଉନାହିଁ ।

କେବଳ ଅସମାନତା ନୁହେଁ, ବରଂ ଏହି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବ୍ୟବସ୍ଥା ଅନାବଶ୍ୟକ ଭାବରେ ଅସ୍ୱଚ୍ଛ ରହିଛି । ଏକ ଆଦର୍ଶ ବ୍ୟବସ୍ଥାରେ କିଛି ସମ୍ବେଦନଶୀଳ ପ୍ରସଙ୍ଗକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବ୍ଲକ୍ ହୋଇଥିବା ଡୋମେନର ତାଲିକା ସାର୍ବଜନୀନ କରାଯିବା ଉଚିତ୍ । ସ୍ୱଚ୍ଛତାର ଅଭାବ କାରଣରୁ କେଉଁଟି ଜନସ୍ୱାର୍ଥରେ ବ୍ଲକ୍ ହୋଇଛି ଏବଂ କେଉଁଟି ସରକାରୀ କ୍ଷମତାର ଅପବ୍ୟବହାର, ତାହା ଅଲଗା କରି ଦେଖିବା କଷ୍ଟକର ହୋଇପଡେ। ୱେବସାଇଟ୍ ବ୍ଲକିଂ ବ୍ୟତୀତ ସୋସିଆଲ୍ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଦିଆଯାଉଥିବା ନିର୍ଦ୍ଦେଶଗୁଡ଼ିକର ଅସ୍ୱଚ୍ଛତା ମଧ୍ୟ ସମାନ ଭାବରେ ଉଦବେଗଜନକ ଅଟେ । ଧାରା ୬୯ଏ ଅଧୀନରେ ଟ୍ୱିଟର (ଏକ୍ସ), ଫେସବୁକ୍ କିମ୍ବା ୟୁଟ୍ୟୁବ୍ ଭଳି କମ୍ପାନୀଗୁଡ଼ିକୁ ଦିଆଯାଉଥିବା ବ୍ଲକିଂ ଆଦେଶଗୁଡ଼ିକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଏ । ଅବଶ୍ୟ, ଏହି କମ୍ପାନୀଗୁଡ଼ିକ ସାଧାରଣତଃ ଉପଭୋକ୍ତାଙ୍କୁ ଏକ ନୋଟିଫିକେସନ୍ କିମ୍ବା ଇମେଲ୍ ମାଧ୍ୟମରେ ସୂଚନା ଦେଇଥାନ୍ତି ଯେ ଏକ ସରକାରୀ ଆଇନଗତ ଦାବି କାରଣରୁ ସେମାନଙ୍କର ବିଷୟବସ୍ତୁକୁ ଭାରତରେ ବ୍ଲକ୍ କରାଯାଇଛି । କିନ୍ତୁ ଆଇନଗତ ଗୋପନୀୟତା କଟକଣା ଯୋଗୁଁ ସେମାନେ ପ୍ରକୃତ ଆଦେଶନାମାର ନକଲ କିମ୍ବା ବ୍ଲକ୍ କରିବାର ସ୍ପଷ୍ଟ କାରଣ ପ୍ରଦାନ କରିବାରେ ଅସମର୍ଥ ହୁଅନ୍ତି । ଫଳସ୍ୱରୂପ, ବିନା କୌଣସି ସ୍ପଷ୍ଟ କାରଣ ଦର୍ଶାଇ ସୋସିଆଲ୍ ମିଡିଆ କଣ୍ଟେଣ୍ଟ ବ୍ଲକ୍ କରିଦେବା ନାଗରିକଙ୍କ ମୌଳିକ ଅଭିବ୍ୟକ୍ତିର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରୁଛି ଏବଂ ସେମାନଙ୍କୁ ଆଇନଗତ ଲଢ଼େଇ ପାଇଁ ସୁଯୋଗରୁ ବଞ୍ଚିତ କରୁଛି । ସର୍ବୋଚ୍ଚ ନ୍ୟାୟାଳୟ ୨୦୧୫ ମସିହାରେ 'ଶ୍ରେୟା ସିଂଘଲ ବନାମ ଭାରତ ସରକାର' ମାମଲାରେ ଆଇଟି ଆଇନର ଧାରା ୬୯ଏ କୁ କାଏମ ରଖିଥିଲେ ମଧ୍ୟ ଏକ ସମୀକ୍ଷା କମିଟି ଗଠନ ଏବଂ ପ୍ରଭାବିତ ପକ୍ଷଙ୍କୁ ଶୁଣାଣିର ଅଧିକାର ଭଳି ପ୍ରକ୍ରିୟାଗତ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । କିନ୍ତୁ ଯେପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଏକ ତାଲିପକା ଏବଂ ଅସ୍ୱଚ୍ଛ ଢଙ୍ଗରେ ଚାଲିବ, ସେପର୍ଯ୍ୟନ୍ତ ଏହି ସୁରକ୍ଷା ବ୍ୟବସ୍ଥାଗୁଡ଼ିକ କୌଣସି ଅର୍ଥପୂର୍ଣ୍ଣ ଭାବରେ କାର୍ଯ୍ୟ କରିପାରିବ ନାହିଁ । ଭାରତ ଭଳି ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରର ଡିଜିଟାଲ୍ ସ୍ଥାନ ସ୍ୱଚ୍ଛ, ନିରପେକ୍ଷ ଏବଂ ଉତ୍ତରଦାୟୀ ହେବା ଆବଶ୍ୟକ । ସରକାର ଏବଂ ଆଇଏସପିମାନଙ୍କ ମଧ୍ୟରେ ଏକ ସୁଦୃଢ଼, ସ୍ୱଚ୍ଛ ଏବଂ ସମାନତା ଭିତ୍ତିକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ବର୍ତ୍ତମାନ ସମୟର ଆବଶ୍ୟକତା, ଯାହାଦ୍ୱାରା ଜାତୀୟ ନିରାପତ୍ତା ସହ ନାଗରିକଙ୍କ ଇଣ୍ଟରନେଟ୍ ସ୍ୱାଧୀନତା ମଧ୍ୟ ସୁରକ୍ଷିତ ରହିପାରିବ ।



# ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଆହ୍ୱାନ

ଇଂ. ଶାଶ୍ୱତ ରଂଜନ ଦାସ



ବିଶ୍ୱ ସମୁଦାୟ ପାଇଁ ସ୍ୱାସ୍ଥ୍ୟ ହିଁ ପରମ ସମ୍ପଦ ଏବଂ ଏହି ସମ୍ପଦର ସୁରକ୍ଷା ହିଁ ଏକ ପ୍ରଗତିଶୀଳ ସଭ୍ୟତାର ମୂଳଦୁଆ ଅଟେ। ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ ସମଗ୍ର ବିଶ୍ୱରେ ଝ'ବିଶ୍ୱ ସ୍ୱାସ୍ଥ୍ୟ ଦିବସ'ଝ ଭାବେ ପାଳନ କରାଯାଇଥାଏ। ୧୯୪୮ ମସିହା ଏପ୍ରିଲ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ / World Health Organization (WHO) ପ୍ରତିଷ୍ଠା ହୋଇଥିଲା ଏବଂ ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ସହ ବିଶ୍ୱର ସମସ୍ତ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ୧୯୫୦ ମସିହାରୁ ଏହି ଦିବସ ପାଳନ କରାଯାଉଛି। ସ୍ୱାସ୍ଥ୍ୟ କହିଲେ କେବଳ ରୋଗର ନିଦାନ କିମ୍ବା ତହିଁର ଅନୁପସ୍ଥିତିକୁ ବୁଝାଏ ନାହିଁ । ବରଂ ଏହା ବ୍ୟକ୍ତିର ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାର ଏକ ସନ୍ତୁଳିତ ଅବସ୍ଥା କହିଲେ ଠିକ୍ ହେବ । ଆଜିର ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷିତ ପରିବେଶ ଏବଂ ଅହରହ ପରିବର୍ଦ୍ଧିତ ମାନସିକ ଚାପ ମଧ୍ୟରେ ଏହି ଦିବସର ପ୍ରାସଙ୍ଗିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁର ସାରବତ୍ତା ବା 'ଥିମ୍'କୁ ଆଧାର କରି ଏହି ଦିବସ ପାଳନ କରେ, ଯାହା ବିଶ୍ୱର ସାମ୍ପ୍ରତିକ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଏକ ଦିଗ୍ ଦର୍ଶନ ପ୍ରଦାନ କରିଥାଏ।

ବିଶ୍ୱରେ ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରଥମ ସୋପାନ ହେଉଛି ସଚେତନତା। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିବା ପାଇଁ ଚେଷ୍ଟା କରାଯାଏ । କାରଣ: ନିରନ୍ତର ସ୍ୱାସ୍ଥ୍ୟ ସେବା ପାଇବା ପ୍ରତ୍ୟେକ ମଣିଷର ଏକ ମୌଳିକ ଅଧିକାର।

ଦୁର୍ଭାଗ୍ୟବଶତଃ, ଆଜି ବି ବିଶ୍ୱର ଏକ ବୃହତ୍ତର ଜନସଂଖ୍ୟା ଉନ୍ନତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ। ଆର୍ଥିକ ଅଭାବ ହେଉ ବା ଭୌଗୋଳିକ ପ୍ରତିବନ୍ଧକ, ସ୍ୱାସ୍ଥ୍ୟ ସେବାର ଅସମାନତା ସମାଜ ପାଇଁ ଏକ ବଡ଼ ଆହ୍ୱାନ ହୋଇ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଆମକୁ ସ୍ମରଣ କରାଇ ଦିଏ ଯେ, ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ବା 'ୟୁନିଭର୍ସାଲ ହେଲଥ କଭରେଜ୍' କେବଳ ଏକ ଲକ୍ଷ୍ୟ ନୁହେଁ, ବରଂ ଏହା ସାମାଜିକ ନ୍ୟାୟର ଏକ ପ୍ରମୁଖ ଅଂଶବିଶେଷ । ଯେତେବେଳେ ଜଣେ ବ୍ୟକ୍ତି ନିଜର ଚିକିତ୍ସା ପାଇଁ ଆର୍ଥିକ ଅନାଟନର ସମ୍ମୁଖୀନ ହୁଏ, ସେତେବେଳେ ସମଗ୍ର ପରିବାରର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯାଏ। ତେଣୁ ସରକାର ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ଏକାଠି ହୋଇ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜବୁତ କରିବା ସହ ସାଧାରଣ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ଏକାନ୍ତ ଆବଶ୍ୟକ। ଶାରୀରିକ ସୁସ୍ଥତା ସହିତ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ମଧ୍ୟ ଅପରିସୀମ। ଆଧୁନିକ ଯୁଗରେ ପ୍ରତିଯୋଗିତା ଏବଂ ବ୍ୟସ୍ତବହୁଳ ଜୀବନ ମଣିଷକୁ ଏକାକୀ କରିଦେଇଛି। ମାନସିକ ଅବସାଦ, ଚିନ୍ତା ଏବଂ ଭୟ ଆଜିର ସମାଜରେ ଏକ ନିରବ ମହାମାରୀ ଭାବେ ଦେଖା ଦେଇଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଥିବା 'ସାମାଜିକ ବାସନ୍ଦ' କୁ ଦୂର କରିବା ପାଇଁ ପ୍ରୟାସ ଅତ୍ୟନ୍ତ ଅଭିନନ୍ଦନିୟ। ଜଣେ ବ୍ୟକ୍ତି ଶାରୀରିକ ଭାବେ ସୁସ୍ଥ ଦେଖାଯାଉଥିଲେ ମଧ୍ୟ ଯଦି ସେ ମାନସିକ ସ୍ତରରେ ଅସନ୍ତୁଳିତ ଅବା ବିଚଳିତ ମନା ଅଛନ୍ତି, ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି କେମିତି କହି ପାରିବା ? ଏଣୁ, ଆମକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ହେବ ଯେଉଁଠାରେ ଲୋକମାନେ ନିଜର ମାନସିକ ସମସ୍ୟା ବିଷୟରେ ବିନା ସଂକୋଚରେ କଥା ହୋଇପାରିବେ ଏବଂ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରିପାରିବେ। ଠିକ୍ ସେହିପରି, ପରିବେଶ ସହିତ ଆମର ସ୍ୱାସ୍ଥ୍ୟର ସମ୍ପର୍କ ଅତ୍ୟନ୍ତ ନିବିଡ଼। ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଏବଂ ଦୂଷିତ ଜଳ ଆଜି ଅନେକ ରୋଗର ମୁଖ୍ୟ କାରଣ ସାଜିଛି। ସୁସ୍ଥ ପୃଥିବୀ ବିନା ସୁସ୍ଥ ମଣିଷ ସମାଜର କଳ୍ପନା କରାଯାଇ ନପାରେ। ତେଣୁ ପ୍ରାକୃତିକ ସମ୍ପଦର ସୁରକ୍ଷା ଏବଂ ପରିବେଶକୁ ସ୍ୱଚ୍ଛ ରଖିବାର ପ୍ରୟାସ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେବା ଉଚିତ।

ବର୍ତ୍ତମାନ ସମୟରେ ଅଣ-ସଂକ୍ରାମକ ରୋଗ ଯଥା ମଧୁମେହ, ରକ୍ତଚାପ ଏବଂ ହୃଦରୋଗର ମାତ୍ରା ଯେପରି ଭାବେ ବଢୁଛି, ତାହା ଚିନ୍ତାର ବିଷୟ। ଏହାର ବିକଳ୍ପ ପ୍ରତିକାର ପାଇଁ ପ୍ରତିଷେଧକ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ । "ପ୍ରତିକାର ଅପେକ୍ଷା ସତର୍କତା ଭଲ" – ଏହି ଉକ୍ତିକୁ ଆଧାର କରି ଆମକୁ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ସନ୍ତୁଳିତ ଆହାର, ନିୟମିତ ବ୍ୟାୟାମ ଏବଂ ଯୋଗ ପ୍ରାଣାୟାମକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ଆବଶ୍ୟକ। ବିଶେଷକରି ଯୁବପିଢ଼ିଙ୍କୁ ଜଙ୍କ୍ ଫୁଡ୍ ଏବଂ ନିଶାଦ୍ରବ୍ୟଠାରୁ ଦୂରେଇ ରଖିବା ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ପୋଷଣ ଉପରେ ମଧ୍ୟ ବିଶେଷ ଦୃଷ୍ଟି ଦେବା ଉଚିତ । କାରଣ: ଏକ ସୁସ୍ଥ ମା' ହିଁ ଏକ ସୁସ୍ଥ ଶିଶୁକୁ ଜନ୍ମ ଦେଇପାରେ ଏବଂ ସେହି ଶିଶୁଟି ଆଗାମୀ ଦିନର ସୁସ୍ଥ ସମାଜ ତଥା ଦେଶ ଗଠନ କରିବାରେ ସକ୍ଷମ ହୋଇ ପାରିବ । ଶେଷରେ, ଝବିଶ୍ୱ ସ୍ୱାସ୍ଥ୍ୟ ଦିବସଝ କେବଳ ଗୋଟିଏ ଦିନ ପାଳନୀୟ ନୁହେଁ, ବରଂ ଏହା ଏକ ନିରନ୍ତର ଯାତ୍ରା। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡାକ୍ତର, ନର୍ସ ଏବଂ ସମସ୍ତ ସ୍ୱାସ୍ଥ୍ୟ କର୍ମୀଙ୍କ ଅବଦାନକୁ ସମ୍ମାନ ଜଣାଇବା ସହ ଆମକୁ ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରତିଜ୍ଞାବଦ୍ଧ ହେବାକୁ ପଡ଼ିବ। ଆସନ୍ତୁ, ଆଜିର ଏହି ପବିତ୍ର ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଆମେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ସଚେତନ ରହିବାକୁ ଉତ୍ସାହିତ କରିବା। କାରଣ: ଏକ ସୁସ୍ଥ ଜାତି ହିଁ ବିଶ୍ୱ ପ୍ରଗତିର ପଥପ୍ରଦର୍ଶକ ହୋଇପାରିବ। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସର ରେ ଝସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ସର୍ବତ୍ର ସ୍ୱାସ୍ଥ୍ୟ ସେବାଝ – ଏହାହିଁ ହେଉ ଆଜିର ଆହ୍ୱାନ ।

+ଅଧ୍ୟକ୍ଷ, ଶାଶ୍ୱତ ଫାଉଣ୍ଡେସନ,
ହାଟଡିହି, ଜି: କେନ୍ଦୁଝର
ମା:୭୦୦୮୯୨୫୨୫୬

# ଧାର୍ମିକ କାହାକୁ କହିବା ?

ମହେଶ୍ୱର ପାତ୍ର



ବିଶ୍ୱରେ ଅନେକ ଧର୍ମ ଓ ଧର୍ମାବଲମ୍ବୀ ରହିଛନ୍ତି ।ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଲେ ମଧ୍ୟ ଏଠାରେ ଧର୍ମକୁ ନେଇ ଲୋକ ମାନେ ଖୁବ୍ ସତର୍କ ଓ ସମ୍ବେଦନଶୀଳ। ଆମ ଦେଶରେ ଧର୍ମକୁ ବାଦ୍ ଦେଇ କୌଣସି କାର୍ଯ୍ୟ କରିବା ପ୍ରାୟତଃ ଅସମ୍ଭବ। ଭାରତୀୟଙ୍କ ଶିରା ପ୍ରଶିରା ଧର୍ମମୟ।

ଏଠି ସାମାଜିକ ଚଳନିରେ, ପାରିବାରିକ ରୀତିନୀତିରେ ତଥା ରାଜନୀତିକ ସଭା ସମିତିରେ ଧର୍ମର ଉପସ୍ଥିତି ସ୍ପଷ୍ଟ ବାରି ହୋଇ ପଡ଼େ ।ତେବେ ଶହ ଶହ କୋଟି ଲୋକଙ୍କ ଆସ୍ଥା ଭାଜନର ମାଧ୍ୟମ ହୋଇଥିବା ୟେ ଧର୍ମ ଜିନିଷଟି କ'ଣ ? ଏହାର କଣ କିଛି ନିର୍ଦ୍ଧିଷ୍ଟ ସଂଜ୍ଞା ରହିଛି ? ସାମ୍ୟବାଦର ଜନକ କାର୍ଲ ମାର୍କସ ଧର୍ମକୁ ଅଫିମ ନିଶା ସହ ତୁଳନା କରିଥିଲେ କିନ୍ତୁ ଏମିତି ଦେଖିବାକୁ ଗଲେ ଧର୍ମ ଶବ୍ଦର ଅର୍ଥ ଅତି ବ୍ୟାପକ। ସାଧାରଣ ଭାବେ ଯଦି କହିବା ତେବେ, 'ଯାହା ମନୁଷ୍ୟକୁ ସମାଜରେ ଶୃଙ୍ଖଳିତ ଓ ମାନବୀୟ କରି ରଖେ ତାହା ହିଁ ଧର୍ମ।' ଅନ୍ଧକାର ଭିତରେ ଆଲୋକର ସମ୍ଭାବନା ହେଉଛି ଧର୍ମ। ଏହା ମନୁଷ୍ୟକୁ ସଠିକ୍ ପଥ ଦେଖେଇବା ସହ ସତ୍ୟ, ନ୍ୟାୟ, ନୈତିକତା, କର୍ତ୍ତବ୍ୟ ଆଦି ମାନବୀୟ ଗୁଣ ସହ ପରିଚିତ କରାଏ। ମନୁଷ୍ୟର ଆଚରଣ, ଉଚ୍ଚାରଣ, ଚରିତ୍ରକୁ ଉନ୍ନତ କରିବା ଏବଂ ନିଜ ଦାୟିତ୍ୱ ପ୍ରତି ଯତ୍ନବାନ ହେବାକୁ ବୁଝାଏ।

ସରଳ ଭାଷାରେ କହିଲେ; ଧାରଣ କରାଯାଉଥିବା ଉତ୍ତମ ଗୁଣ ହିଁ ଧର୍ମ ଏବଂ ଏହାକୁ ସଠିକ୍ ରୂପେ ନିଜ ଜୀବନରେ ପ୍ରୟୋଗ କରୁଥିବା ମନୁଷ୍ୟକୁ ଧାର୍ମିକ ଲୋକର ଆଖ୍ୟା ଦିଆଯାଏ ।ଦୁଃଖ ଓ ପରିତାପର ବିଷୟ ଆଜିର ସାମାଜିକ ବ୍ୟବସ୍ଥାକୁ ଅବଲୋକନ କଲେ ହୃଦବୋଧ ହୁଏ ଧର୍ମର ସଂଜ୍ଞା କେବଳ ପୂଜା ପାଠ, ହୋମ ଯଜ୍ଞ ଆଦି ମଧ୍ୟରେ ସୀମିତ ରହିଯାଇଛି ।ବାସ୍ତବ ଜୀବନରେ ଏହାର ଉପସ୍ଥିତି ପରିଲକ୍ଷିତ ହେଉ ନାହିଁ।

ସାମ୍ପ୍ରତିକ ସମାଜ ଏକ ବସ୍ତୁବାଦୀ ସମାଜରେ ପରିଣତ ହୋଇଛି ।ଯାହା ବାହାରକୁ ତ ଚାକଚକ୍ୟ ଦିଶୁଛି କିନ୍ତୁ ବାସ୍ତବରେ ଏହା ଅନ୍ତଃସାରଶୂନ୍ୟ ! ଧର୍ମ, ପୂଜାପାଠ, ଈଶ୍ୱର ବିଶ୍ୱାସ ଏଗୁଡ଼ିକ ମଧ୍ୟ ଲୋକଦେଖାଣିଆ ହୋଇଗଲାଣି। ଭକ୍ତଙ୍କ ସଂଖ୍ୟା ତ ବୃଦ୍ଧି ପାଇଛି କିନ୍ତୁ ଭକ୍ତି ଏକ ଫ୍ୟାସନ ରେ ପରିଣତ ହୋଇଛି। ନିଜକୁ ଠାକୁରଙ୍କ ପରମ ଭକ୍ତ ବୋଲାଉଥିବା ଲୋକଟି ଅସଲ ଧର୍ମ ଠାରୁ ଦୂରେଇ ଯାଉଛି। ସଂକ୍ରାନ୍ତି ହେଉ କିମ୍ବା ଯେ କୌଣସି ଧାର୍ମିକ ପର୍ବ ପର୍ବାଣୀ ମନ୍ଦିର ଗୁଡିକରେ ଅସମ୍ଭାଳ ଭିଡ ! ରାସ୍ତାଘାଟ ଜାମ୍। ଧାର୍ମିକ ବେଶ ଧାରଣ ପୂର୍ବକ ଚିତା ଚୈତନ୍ୟ କାଟି, ମୁଣ୍ଡରେ ତିଳକ ମାରି ନଡ଼ିଆ, କଦଳୀ ଭୋଗ ଠାକୁରଙ୍କ ନିକଟରେ ଅର୍ପଣ କରିଦେଇ ଆମେ ନିଜକୁ ଧାର୍ମିକ ବୋଲି ମନେ କରୁଛେ। କିନ୍ତୁ ସାମାଜିକ ଓ ପାରିବାରିକ ଜୀବନରେ ଆମେ ଏତେ ବିଶୃଙ୍ଖଳ, କର୍ମ ବିମୁଖ, ଅସମ୍ବେଦନଶୀଳ ତାହା ନକହିବା ଭଲ। ଆମମାନଙ୍କ ମଧ୍ୟରେ ଅନେକ ଭକ୍ତ ଅଛନ୍ତି, ଯେଉଁମାନେ ମାଟିରେ ତିଆରି ପ୍ରତିମାକୁ ମା କହି ପୂଜା କରୁ କିନ୍ତୁ ନିଜ ମା ପ୍ରତି ଥିବା କର୍ତ୍ତବ୍ୟରେ ଅବହେଳା କରୁ ।ଗୋଟିଏ ପୁଅର ମୂଳ ଓ ପ୍ରଧାନ କର୍ତ୍ତବ୍ୟ ହେଲା ନିଜ ବୃଦ୍ଧ ପିତା ମାତାଙ୍କ ଯତ୍ନ ନେବା, ସେମାନଙ୍କ ପ୍ରତି ସହାନୁଭୂତି ପ୍ରକଟ କରିବା। ଯଦି ଆମେ ପିତା ମାତାଙ୍କ ପ୍ରତି ଥିବା ଧର୍ମ ଠିକ୍ ରୂପେ ପାଳନ ନକରିବା ତେବେ ଯେତେ ଠାକୁର ପୂଜା କଲେ ମଧ୍ୟ ଆମେ ଅଧର୍ମୀ ରେ ପରିଗଣିତ ହେବା। ପିତା ମାତାଙ୍କ ଚରଣରେ ହିଁ ସଂସାରର ସମସ୍ତ ଖୁସି ଓ ଐଶର୍ଯ୍ୟ ନିହିତ ରହିଛି । ସେଥି ପାଇଁ କୁହାଯାଇଛି ,'ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ ?'

ବାସ୍ତବରେ ଦେଖିବାକୁ ଗଲେ ହିନ୍ଦୁ, ମୁସଲିମ, ଶିଖ, ଇସାଇ ଏଗୁଡ଼ିକ କେବଳ ନାମ ମାତ୍ର। ଅସଲ ଧର୍ମର କୌଣସି ସଂପ୍ରଦାୟ ସହ ସମ୍ପର୍କ ନାହିଁ। ପ୍ରେମ, କରୁଣା ଓ ସମର୍ପଣଭାବ, ହିଂସାମୁକ୍ତ ଆଚରଣ, ଅହଂ ଭାବ ପରିତ୍ୟାଗ ତଥା ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲାଇବାରେ ହିଁ ଅସଲ ଧର୍ମ ନିହିତ ଥାଏ ।ଯଦି ଜଣେ ବ୍ୟବସାୟୀ ନିଜ ଦୋକାନରେ ଥିବା ଠାକୁରଙ୍କୁ ସକାଳୁ ଭକ୍ତିର ସହ ପୂଜା କରେ ଅଥଚ ଗ୍ରାହକ ମାନଙ୍କ ପ୍ରତି ଉଚିତ ବ୍ୟବହାର ପ୍ରଦର୍ଶନ କରେ ନାହିଁ ଏବଂ ସେମାନଙ୍କୁ ବିଭିନ୍ନ ଉପାୟରେ ଠକି, କଳା ବଜାରି କରି ପଇସା ଉପାର୍ଜନ କରେ ତେବେ ସେ ଲୋକଟିକୁ ଆମେ ଧାର୍ମିକ ବୋଲି କହି ପାରିବା ନାହିଁ। ଯଦିଓ, ସେ ଇଶ୍ୱର ପୂଜାରେ ବିଶ୍ୱାସ ରଖେ କିନ୍ତୁ ଗ୍ରାହକ ରୂପକ ଈଶ୍ୱରଙ୍କ ପ୍ରତି ଅବହେଳା ତଥା ଅସାଧୁ ଉପାୟରେ ଅର୍ଥ ଉପାର୍ଜନର ଲାଳସା ତାକୁ ଜଣେ ଅସାଧୁ ତଥା ଅର୍ଥ ଲୋଭୀ ବ୍ୟବସାୟୀର ପରିଚୟ ଦିଏ। ଆମେ ଜାଣିବା ଉଚିତ୍ ଯେ; କେବଳ ସଂକ୍ରାନ୍ତିରେ ଆମିଷ ନଖାଇଲେ, ମାଣବସା ଗୁରୁବାର ଦିନ ଘରେ ଚିତା ପକାଇଲେ, ରାମ ନବମୀ ଦିନ ଗାଡ଼ିରେ ପ୍ରଭୁଙ୍କ ଫଟୋ ଲଗାଇ ଜୟ ଶ୍ରୀ ରାମ ନାରା ଦେଇଦେଲେ ଆମେ ଧାର୍ମିକ ହୋଇ ଯିବାନି। ସେହି ଦିନ ଗୁଡ଼ିକରେ ଆମେ କରିଥିବା କର୍ମ ଗୁଡ଼ିକ ହିଁ ନିର୍ଦ୍ଧାରଣ କରିବ ଆମେ କେତେ ଧାର୍ମିକ !ଯଦି ଜଣେ ଗାଡ଼ି ଚାଳକ ନିଜେ ଚଳାଉଥିବା ଗାଡ଼ିରେ ସମସ୍ତ ଦେବଦେବୀଙ୍କ ଫଟୋ ରଖି ପୂଜା କରୁଥିବ ଅଥଚ ରାସ୍ତାରେ ଟ୍ରାଫିକ ନିୟମ ମାନୁ ନଥିବ, ମଦ୍ୟପାନ କରି ବେପରୁଆ ଗାଡି ଚାଳନା କରୁଥିବ ତେବେ ତାଙ୍କୁ କୌଣସି ଧର୍ମର ଠାକୁର ରକ୍ଷା କରି ପାରିବେ ନାହିଁ। ଜଣେ ଚାଳକର ପ୍ରଧାନ ଓ ଏକ ମାତ୍ର ଧର୍ମ ହେଲା ରାସ୍ତାର ସମସ୍ତ ନିୟମ ଅନୁପାଳନ ପୂର୍ବକ ଯାତ୍ରୀ ମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ସୁରକ୍ଷିତ ପହଞ୍ଚାଇବା। ମନରେ ଅହଂ ଭାବ ଧାରଣ ପୂର୍ବକ 'ମୁଁ ଜାଣିଛି, ମୁଁ ସର୍ବଶ୍ରେଷ୍ଠ' ଭାବନାର ପରିତ୍ୟାଗ ହିଁ ଧର୍ମ ମାର୍ଗରେ ଯିବାର ପ୍ରଥମ ସୋପାନ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ମନ ରୂପକ ମନ୍ଦିରରେ ଧର୍ମ ରୂପକ ଠାକୁରଙ୍କୁ ପ୍ରତିଷ୍ଠା କରିବାକୁ ହେଲେ ମନକୁ ସ୍ୱଚ୍ଛ ରଖିବାର ଆବଶ୍ୟକତା ରହିଛି। ମନରେ ଅଳିଆ ଆବର୍ଜ୍ଜନା ଭରି ରଖି ଯେତେ ଠାକୁର ପୂଜା, ଓଷା, ବ୍ରତ ଉପବାସ ଆଦି କଲେ ମଧ୍ୟ ତାହା ନିରର୍ଥକ ! ଯଦି ଜଣେ ବ୍ୟକ୍ତି ମନ୍ଦିର, ମସଜିଦ, ଗୀର୍ଜା ଘର ଯାଉଛି ଅଥଚ ମନ ଭିତରେ କ୍ରୋଧ, ଘୃଣା, ଅହଙ୍କାର ଆଦି ନକାରାତ୍ମକ ଗୁଣ ଧାରଣ କରୁଛି ତେବେ ତାକୁ ଧାର୍ମିକ ବୋଲି କୁହାଯାଇପାରିବ ନାହିଁ। ଠିକ୍ ସେହିପରି ଯଦି ଜଣେ ବ୍ୟକ୍ତି କୌଣସି ଧର୍ମକୁ ମାନୁ ନାହିଁ କିନ୍ତୁ ମନରେ ସ୍ନେହ, ପ୍ରେମ, କରୁଣା ଭାବ ଆଦି ସକାରାତ୍ମକ ଗୁଣକୁ ଧାରଣ କରି ପାରୁଛି ତେବେ ତାକୁ ଆମେ ଧାର୍ମିକ ବୋଲି କହିପାରିବା।

+ଲେଖକ
ଅଧ୍ୟାପକ, କୁଶଳେଶ୍ୱର
ଆଞ୍ଚଳିକ ମହାବିଦ୍ୟାଳୟ
କେନ୍ଦୁଝର
ମୋ: ୯୭୭୬୧୫୦୦୩୩

କବିତା କୋଣାର୍କ

## ଏ ରାତି ପାହୁ କି ନପାହୁ

ରବି କୁମାର ମହାନ୍ତି



ଏ ରାତି ପାହୁ କି ନ ପାହୁ
ଆଲୁଅର ପାଣିକାଚ ପିନ୍ଧି
ଭୋର୍ ଆସୁ କି ନ ଆସୁ
ଉନ୍ମତ୍ତ ଭଅଁରର ଦାଉ ସହି
ରଂଗ, ବାସ ହରେଇ
ସାରିଥିବା ଫୁଲ ତ
ଝରିବ ହିଁ ଝରିବ
କେବେଠୁ ନୀରବୀ ସାରିଛି
ରଂଗ ଶାଳାର ସୁରିଲା ଅଗଣା
ଅବଶ ହୋଇ ସାରିଛି କେଉଁ କାଳୁ
ନୂପୁର ହଳକ
ଆଉ ଜୋର୍ କାହିଁ ତୋଳିବାକୁ
ରାଗର ମୂର୍ଚ୍ଛନା ?
ରାତିର ଶେଷ ପ୍ରହର ଆଗରୁ
ସ୍ୱପ୍ନ ଦେଖିବାର ମଧୁର ଯାତନା।

କେତେ ଘଡ଼ି ବାକି ଅଛି
ଏ ରାତି ପାହିବାକୁ
କିଏ ଜାଣେ ?
ବେଳେ ବେଳେ
ସକାଳକୁ ବି ଭୋଗିବାକୁ ଥାଏ
ଅନ୍ଧାରର ପ୍ରସବ ବେଦନା
ଖୁବ୍ ପ୍ରଲମ୍ବିତ ଲାଗୁଥିବା ରାତିକୁ ବି
ଅକାଳରେ ସହିବାକୁ ହୁଏ
ଯୌବନରେ ବୈଧବ୍ୟ ଯନ୍ତ୍ରଣା
ଦୂର ବାଟ ଯିବାକୁ
ପଣ କରିଥିବା ବାଟୋଇ
ଅଟକି ଯିବାକୁ ପଡ଼େ
ଅଧା ବାଟରେ
ରାତି ପାହୁ କି ନପାହୁ
ବାଟୋଇର କ୍ଳାନ୍ତ ପାଦ ଦୁଇ
ଥିର ହୋଇଯାଏ କେଉଁ ଅଜଣା ଏକ
ପାନ୍ଥଶାଳା ମୁକ୍ତ ଚଟାଣରେ।

ବେଗି ବେଗି ରଥ ଝପଟାରେ ସାରଥି
ଅଳ୍ପ ପଥ ଆଉ ବାକି ଅଛି
ଯମୁନା ଘାଟକୁ
ସେପଟରୁ ଚିଟାଉ ଆସିଛି
ପହଞ୍ଚିବାକୁ ଅଛି
କଅଁଳ ଖରା ମାଟି ଛୁଇଁବା ଆଗରୁ।

ରାତି ପାହୁ କି ନପାହୁ
ତାରା ମାନଙ୍କ ନିଷ୍ପ୍ରଭ
ଆଲୋକ ଯଥେଷ୍ଟ
ଚିହ୍ନି ବାକୁ କିଏ ପର, କିଏ ଆପଣାର
ଜନ୍ମ ବି ଏକ କଳ୍ପନାର ଛାୟା
ମୃତ୍ୟୁ ବି ଏକ ସନ୍ୟାସ ର ମାୟା
ପଲକ ପଡ଼ିଲେ ଆରତୀ ସରେ
ଦେହ ଦେଉଳରୁ
ଆଖି ବୁଜିଲେ ଝରି ପଡେ ଶେଷ ଫୁଲ
ଦଲକାଏ ପବନର
ନୀଳ ସ୍ତବକରୁ।

ଏ ରାତି ଏତେ
ଉଦାର କାହିଁକି ହେ ବନ୍ଧୁ
ଅଭିଶପ୍ତ ନାଁ ସେ ଆୟୁପ୍ରାପ୍ତ ?
ପ୍ରତାରିତ ନାଁ ପ୍ରେମ ସିକ୍ତ ?
ବୟସର ମଧ୍ୟାହ୍ନରେ
ମେଲାଣିର କୁଆଁ ତାରା
କାହା ଇଙ୍ଗିତରେ ?
ରାତି ସାରା ମଧୁ ଚନ୍ଦ୍ରିକାର
ମିଛ ଉଚ୍ଚାଟନ
ବେପଥୁ ଜଗାଏ ପ୍ରାଣେ
ଅଦୂରର ନଈ ପଠାରୁ କାହାର
ମିଠା ବେଣୁ ସ୍ୱନ
ଏ ରାତିର ଉଦାରତାରେ କୃତଜ୍ଞ
ବଳକା ପାପର ଦାୟ
ପାହୁ କି ନପାହୁ ସିଏ
ତନ୍ଦ୍ରା ତେଜି ଉଠିବା ଆଗରୁ
ପୁନଶ୍ଚ ପୃଥିବୀ
ଉଝେଇ ଦେବାକୁ ହେବ
ସନ୍ୟାସୀର ଏ ଛଦ୍ମ ପରିଚୟ ।

+ମାତୃନୀଡ,କମାରିଆ,
ଜି- ଭଦ୍ରକ
ମୋ- ୭୦୬୪୭୭୮୨୪୭

# ଭାରତରେ ବଢୁଛି ମାତୃ ମୃତ୍ୟୁ ଅନୁପାତ



ଗତ ଦଶନ୍ଧି ମଧ୍ୟରେ ଭାରତରେ ମାତୃ ମୃତ୍ୟୁ ଅନୁପାତ (ଗଗଜ) ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପାଇଛି। କିନ୍ତୁ ୨୦୧୫ ପରଠାରୁ ଉନ୍ନତିର ଗତି ଧୀର ହୋଇଯାଇଛି। ୨୦୨୩ ରେ ବିଶ୍ୱ ସ୍ତରରେ ୨.୪ ଲକ୍ଷ ମାତୃ ମୃତ୍ୟୁ ମଧ୍ୟରୁ ପ୍ରାୟ ୨୪,୭୦୦ ଭାରତରେ ଘଟିଥିଲା ଯାହା ସର୍ବାଧିକ ମାତୃ ମୃତ୍ୟୁ ହାର ଥିବା ଦେଶମାନଙ୍କ ମଧ୍ୟରୁ ଗୋଟିଏ କରିଦେଇଛି । ଯଦିଓ ଗଗଜ ହ୍ରାସ ପାଇ ୧୧୬ ହୋଇଛି ରାଜ୍ୟଗୁଡ଼ିକ ମଧ୍ୟରେ ଅସମାନତା, ସ୍ୱାସ୍ଥ୍ୟସେବାର ଗୁଣବତ୍ତା ଏବଂ ସମୟୋଚିତ ଚିକିତ୍ସାର ଅଭାବ ପ୍ରମୁଖ ଚ୍ୟାଲେଞ୍ଜ ରହିଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଏହି ଅଭାବଗୁଡ଼ିକୁ ତୁରନ୍ତ ସମାଧାନ କରାନଯାଏ,ତେବେ ୨୦୩୦ ସୁଦ୍ଧା ସୁରକ୍ଷିତ ମାତୃତ୍ୱର ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇପାରେ।

କ'ଣ କୁହେ ରିପୋର୍ଟ: ଦି ଲାନସେଟରେ ପ୍ରକାଶିତ ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ ଭାରତ ସର୍ବାଧିକ ମାତୃ ମୃତ୍ୟୁହାର ଥିବା ଦେଶମାନଙ୍କ ମଧ୍ୟରେ ରହିଛି। ୨୦୨୩ ମସିହାରେ, ଗର୍ଭଧାରଣ ଏବଂ ପ୍ରସବ ସମ୍ବନ୍ଧୀୟ କାରଣ ଯୋଗୁଁ ସାରା ବିଶ୍ୱରେ ପ୍ରାୟ ୨୪୦,୦୦୦ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଯାହା ମଧ୍ୟରୁ ପ୍ରାୟ ୨୪୭୦୦ ମୃତ୍ୟୁ ଭାରତରେ ରେକର୍ଡ କରାଯାଇଥିଲା। ନାଇଜେରିଆ, ପାକିସ୍ତାନ ଏବଂ ଇଥିଓପିଆ ଭଳି ଦେଶ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି। ତଥାପି, ଦୀର୍ଘକାଳୀନ ତଥ୍ୟ ଦର୍ଶାଉଛି ଯେ ଭାରତ ମାତୃ ମୃତ୍ୟୁହାର ହ୍ରାସ କରିବା ପାଇଁ ଭଲ ପ୍ରୟାସ କରିଛି। ୧୯୯୦ ମସିହାରେ ଏହି ସଂଖ୍ୟା ପ୍ରାୟ ୧.୧୯ ଲକ୍ଷ ଥିବା ବେଳେ, ୨୦୧୫ ମସିହାରେ ଏହା ୩୬,୯୦୦ ଏବଂ ୨୦୨୩ ମସିହାରେ ୨୪,୭୦୦ କୁ ହ୍ରାସ ପାଇଲା। ସେହିପରି, ମାତୃ ମୃତ୍ୟୁ ଅନୁପାତ ମଧ୍ୟ ୧୯୯୦ ମସିହାରେ ୫୦୮ ରୁ ୨୦୨୩ ମସିହାରେ ପ୍ରତି ୧ ଲକ୍ଷ ଜୀବିତ ଜନ୍ମରେ ୧୧୬ କୁ ହ୍ରାସ ପାଇଛି, ଯାହା ଉନ୍ନତିର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ।

ବିଶେଷଜ୍ଞମାନେ କ'ଣ କୁହନ୍ତି ?: ବିଶେଷଜ୍ଞଙ୍କ ମତରେ, ଏହି ଉନ୍ନତି ମୁଖ୍ୟତଃ ବର୍ଦ୍ଧିତ ନିରାପଦ ପ୍ରସବ, ଉନ୍ନତ ପ୍ରସବ ପୂର୍ବ ଯତ୍ନ ଏବଂ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ପରିଚାଳିତ ହୋଇଛି। ତଥାପି, ରାଜ୍ୟଗୁଡ଼ିକ ମଧ୍ୟରେ ଅସମାନତା ରହିଛି। କେରଳ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ଭଲ ପ୍ରଦର୍ଶନ କରୁଛନ୍ତି, ଯେତେବେଳେ ଉତ୍ତର ପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ପରିସ୍ଥିତି ଚିନ୍ତାଜନକ ରହିଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଅଧିକାଂଶ ମାତୃ ମୃତ୍ୟୁ ଅତ୍ୟଧିକ ରକ୍ତସ୍ରାବ, ଉଚ୍ଚ ରକ୍ତଚାପ, ସଂକ୍ରମଣ ଏବଂ ଅନ୍ୟାନ୍ୟ ଜଟିଳତା ଭଳି ପ୍ରତିରୋଧଯୋଗ୍ୟ କାରଣ ଯୋଗୁଁ ହୁଏ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାନଯାଏ, ତେବେ ୨୦୩୦ ସୁଦ୍ଧା ସୁରକ୍ଷିତ ମାତୃତ୍ୱ ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇପାରେ।

# ଲାଗି ରହିଛି କି ଆଣ୍ଠୁଗଣ୍ଠି ସମସ୍ୟା: ଜାଣନ୍ତୁ, ମୁକ୍ତି ପାଇବାର ଆୟୁର୍ବେଦିକ ଉପଚାର

ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠି ବିନ୍ଧା ଏକ ସାଧାରଣ ସମସ୍ୟା ପାଲଟିଛି । କେବଳ ବୃଦ୍ଧାବସ୍ଥାରେ ନୁହେଁ, ବରଂ ଖରାପ ଜୀବନଶୈଳୀ ଯୋଗୁଁ ଯୁବପିଢ଼ି ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆୟୁର୍ବେଦ ଅନୁସାରେ, ଶରୀରରେ 'ବାତ' ଦୋଷର ଅସନ୍ତୁଳନ ଯୋଗୁଁ ଗଣ୍ଠି ଯନ୍ତ୍ରଣା ହୋଇଥାଏ । ତେବେ କିଛି ସହଜ ଆୟୁର୍ବେଦିକ ଉପଚାର ଦ୍ୱାରା ଆପଣ ଏଥିରୁ ମୁକ୍ତି ପାଇପାରିବେ ।

୧. ହଳଦୀ ଓ କ୍ଷୀର:
ହଳଦୀରେ 'କରକୁମିନ' ନାମକ ଏକ ଉପାଦାନ ଥାଏ, ଯାହା ପ୍ରଦାହ ନାଶକ ଅଟେ । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ଗରମ କ୍ଷୀରରେ ଅଧା ଚାମଚ ହଳଦୀ ଗୁଣ୍ଡ ମିଶାଇ ପିଇଲେ ଗଣ୍ଠି ଫୁଲା ଓ ଯନ୍ତ୍ରଣା ଶୀଘ୍ର କମିଥାଏ ।

୨. ଅଦା ଓ ରସୁଣର ବ୍ୟବହାର:
ଅଦା ଏବଂ ରସୁଣ ଶରୀରରୁ ବାୟୁ ଦୋଷ ଦୂର କରିବାରେ ସାହାଯ୍ୟ କରେ । ପ୍ରତିଦିନ ସକାଳେ ଖାଲି ପେଟରେ ୨-୩ କୋଳା ରସୁଣ ଖାଇବା କିମ୍ବା ଅଦା ଚା' ପିଇବା ଦ୍ୱାରା ଗଣ୍ଠିରେ ଥିବା ପ୍ରଦାହ କମିଥାଏ ।

୩. ମେଥି ପାଣି:
ମେଥି ଗଣ୍ଠି ଯନ୍ତ୍ରଣା ପାଇଁ ରାମବାଣ ସଦୃଶ । ଏକ ଚାମଚ ମେଥି ମଞ୍ଜିକୁ ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ରଖନ୍ତୁ । ସକାଳେ ସେହି ପାଣିକୁ ପିଅନ୍ତୁ ଏବଂ ଭିଜାଇଥିବା ମେଥିକୁ ଚୋବାଇ ଖାଆନ୍ତୁ । ଏହା ଗଣ୍ଠିର ଜବଡ଼ାପଣ ଦୂର କରେ ।

୪. ତେଲ ମାଲିସ:
ଆଣ୍ଠୁଗଣ୍ଠିରେ ରକ୍ତ ସଞ୍ଚାଳନ ବଢ଼ାଇବା ପାଇଁ ମାଲିସ ଅତ୍ୟନ୍ତ ଜରୁରୀ। ସୋରିଷ ତେଲ କିମ୍ବା ରାଶି ତେଲରେ କିଛି ରସୁଣ ଓ ଅଳ୍ପ ଜୁଆଣି ପକାଇ ଗରମ କରନ୍ତୁ। ଏହି ଉଷୁମ ତେଲକୁ ଆଣ୍ଠୁରେ ଧୀରେ ଧୀରେ ମାଲିସ କରନ୍ତୁ। ଆୟୁର୍ବେଦିକ ମହାନାରାୟଣ ତେଲ ମଧ୍ୟ ଏଥିପାଇଁ ଖୁବ୍ ପ୍ରଭାବଶାଳୀ।

୫. ସଠିକ୍ ଖାଦ୍ୟପେୟ ଓ ଯୋଗ:
ଖାଦ୍ୟରେ ଅଧିକ କ୍ୟାଲସିୟମ ଯୁକ୍ତ ଖାଦ୍ୟ ଯଥା- କ୍ଷୀର, ଛେନା ଓ ଶାଗ ସାମିଲ କରନ୍ତୁ । ଅତ୍ୟଧିକ ଖଟା, ଥଣ୍ଡା ପାନୀୟ ଏବଂ ବାୟୁ କରୁଥିବା ଖାଦ୍ୟରୁ ଦୂରେଇ ରୁହନ୍ତୁ । ପ୍ରତିଦିନ ସକାଳୁ ୧୫-



୨୦ ମିନିଟ୍ କୋମଳ ଖରାରେ ବସନ୍ତୁ, ଯାହାଦ୍ୱାରା ଶରୀରକୁ ପ୍ରାକୃତିକ ଭିଟାମିନ୍-ଡି ମିଳିବ । ଯଦି ଯନ୍ତ୍ରଣା ଅତ୍ୟଧିକ ହେଉଥାଏ, ତେବେ ଡାକ୍ତର କିମ୍ବା ଜଣେ ଅଭିଜ୍ଞ ଆୟୁର୍ବେଦ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ୍ । ନିୟମିତ ଯୋଗାସନ ଏବଂ ସନ୍ତୁଳିତ ଆହାର ଦ୍ୱାରା ଆପଣ ଏହି ସମସ୍ୟାରୁ ସ୍ଥାୟୀ ମୁକ୍ତି ପାଇପାରିବେ ।




ପ୍ରତିବର୍ଷ ହଜାର ହଜାର ଲୋକଙ୍କ ମୃତ୍ୟୁର କାରଣ ପାଲଟୁଛି ବ୍ରେନ୍ ଷ୍ଟ୍ରୋକ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ସାରା ବିଶ୍ୱରେ ମୃତ୍ୟୁ ଓ ବିକଳାଙ୍ଗର ବଡ଼ କାରଣ ହେଉଛି ବ୍ରେନ୍ ଷ୍ଟ୍ରୋକ୍ । ୨୦୨୧ ବର୍ଷରେ ୯.୩୮ କୋଟି ବ୍ରେନ୍ ଷ୍ଟ୍ରୋକ୍ ମାମଲା ଆସିଥିଲା । ଏହାସହ ସବୁଠାରୁ ବଡ଼ କଥା ହେଉଛି ଏବେ ଯୁବକମାନଙ୍କୁ ସର୍ବାଧିକ ବ୍ରୋନ୍ ଷ୍ଟ୍ରୋକ୍ ହେଉଛି ।

ବ୍ରେନ୍ ଷ୍ଟ୍ରୋକ୍ ସେତେବେଳେ ହୋଇଥାଏ, ଯେତେବେଳେ ମସ୍ତିଷ୍କ ପର୍ଯ୍ୟନ୍ତ ରକ୍ତ ପହଂଚାଉଥିବା ଶୀରରେ ବାଧା ସୃଷ୍ଟି ହୋଇଥାଏ କିମ୍ବା ସେହି ଶୀରଟି ଫାଟି ଯାଇଥାଏ । ଏହି ଦୁଇଟି କାରଣରୁ ମସ୍ତିଷ୍କ କୋଷଗୁଡ଼ିରେ ଅମ୍ଳଜାନ ଅଭାବ କାରଣରୁ ମୃତ୍ୟୁ ହୋଇଥାଏ । ଅଧ୍ୟୟନରୁ ଜଣାପଡ଼ିଛି କି, ଯେଉଁ ଲୋକମାନଙ୍କର ଉଚ୍ଚ ରକ୍ତଚାପ ରହିଛି ସେମାନଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହେବାର ସର୍ବାଧିକ ଆଶଙ୍କା ରହିଛି । ଉଚ୍ଚ ରକ୍ତଚାପ ରକ୍ତ ବାହିକାକୁ କ୍ଷତି ପହଂଚାଇଥାଏ । ଫଳରେ ରକ୍ତ ସଂଚାଳନରେ ବାଧା ସୃଷ୍ଟି ହୋଇଥାଏ । ଜୀବନଶୈଳୀ ଓ ଖାଦ୍ୟ ପାନୀୟରେ ସନ୍ତୁଳନ ଠିକ୍ ନରହିଲେ ଏହା ବ୍ରେନ୍ ଷ୍ଟ୍ରୋକର କାରଣ ପାଲଟିଥାଏ । ଆପଣ ଜାଣିଛନ୍ତି କି, ଯଦି ଆପଣ ଦୈନିକ ଖାଦ୍ୟରେ କଦଳୀକୁ ସାମିଲ କରୁଛନ୍ତି ତେବେ ଏହି ବ୍ରେନ ଷ୍ଟ୍ରୋକର ଆଶଙ୍କା କିଛି ପରିମାଣର କମ୍ ହୋଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ମୁତାବକ ଷ୍ଟ୍ରୋକରୁ ରକ୍ଷା ପାଇବାକୁ ହେଲେ ଖାଦ୍ୟରେ ପରିବର୍ତ୍ତନ କରିବା ସହ ନିୟମିତ ବ୍ୟାୟାମ କରିବା ଆବଶ୍ୟକ । କିଛି ବିଶେଷଜ୍ଞଙ୍କ ମତରେ ଖାଦ୍ୟରେ ପୋଟାଶିୟମରେ ଭରପୁର ଆହାର, ଯେଭଳି କଦଳୀକୁ ଖାଦ୍ୟରେ ସାମିଲ କରିବା ନିହାତି ଜରୁରୀ ।

# ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ଜାଣନ୍ତୁ

ଆପଣ କେବେ ଲକ୍ଷ୍ୟ କରିଛନ୍ତି କି, ସମାନ ଡାଏଟ୍ ଓ ବ୍ୟାୟାମ କରିବା ସତ୍ତ୍ୱେ ପୁରୁଷମାନେ ମହିଳାଙ୍କ ତୁଳନାରେ ଶୀଘ୍ର ଓଜନ କମାଇଥାନ୍ତି ? ଏହା ଏକ ସାଧାରଣ ଘଟଣା ଏବଂ ଏହା ପଛରେ ପରିଶ୍ରମର ଅଭାବ ନୁହେଁ, ବରଂ ଶରୀରର ଗଠନ, ହରମୋନ୍ ଓ ଜୀବକ୍ରିୟାରେ ଥିବା ମୌଳିକ ପାର୍ଥକ୍ୟ ଦାୟୀ । ଆସନ୍ତୁ ଜାଣିବା ଏହି ୫ଟି ପ୍ରମୁଖ କାରଣ ବିଷୟରେ, ଯାହା ପୁରୁଷ ଓ ମହିଳାଙ୍କ ଓଜନ ହ୍ରାସ ପ୍ରକ୍ରିୟାକୁ ଭିନ୍ନ କରିଥାଏ ।

ମାଂସପେଶୀର ପରିମାଣ ଓ ମେଟାବୋଲିଜିମ୍ : ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କ ଶରୀରରେ ଥିବା ଅଧିକ ମାଂସପେଶୀ । ପ୍ରକୃତିଗତ ଭାବରେ ପୁରୁଷଙ୍କ ଶରୀରରେ ମାଂସପେଶୀର ପରିମାଣ ମହିଳାଙ୍କ ତୁଳନାରେ ଅଧିକ ଥାଏ । ମାଂସପେଶୀ, ଚର୍ବି ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରେ । ଏପରିକି ବିଶ୍ରାମ ନେଉଥିବା ସମୟରେ ମଧ୍ୟ । ଏହାକୁ 'ବେସାଲ୍ ମେଟାବୋଲିକ୍ ରେଟ୍' କୁହାଯାଏ । ଅଧିକ ମାଂସପେଶୀ ଯୋଗୁଁ ପୁରୁଷଙ୍କ ଇଗଜ ଅଧିକ ହୋଇଥାଏ । ତେଣୁ ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅଧିକ କ୍ୟାଲୋରୀ ଜାଳିଥାଏ । ଯାହା ଓଜନ ହ୍ରାସରେ ସହାୟକ ହୁଏ ।

ହରମୋନ୍‌ର ଭୂମିକା: ହରମୋନ୍ ଓଜନ ହ୍ରାସ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପୁରୁଷଙ୍କ ଶରୀରରେ 'ଟେଷ୍ଟୋଷ୍ଟେରନ୍' ନାମକ ହରମୋନ୍ ଅଧିକ ଥାଏ, ଯାହା ମାଂସପେଶୀ ଗଠନ କରିବାରେ ଏବଂ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ । ଅନ୍ୟପଟେ, ମହିଳାଙ୍କ ଶରୀରରେ 'ଇଷ୍ଟ୍ରୋଜେନ୍' ହରମୋନ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ସଂରକ୍ଷିତ କରି ରଖିବାକୁ ପ୍ରୋତ୍ସାହିତ କରେ । ବିଶେଷ କରି ପ୍ରଜନନ ପାଇଁ ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ ।

# ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ଲକ୍ଷ ଲକ୍ଷ ଲୋକ, ମିଳୁନାହାନ୍ତି ଅଙ୍ଗଦାତା, ସମସ୍ୟାର ସମାଧାନ କରିବ ଏଆଇ

ଦେଶରେ ଲକ୍ଷ ଲକ୍ଷ ଲୋକ ଅଙ୍ଗ ପ୍ରତ୍ୟାରୋପଣ ଅପେକ୍ଷାରେ। କିନ୍ତୁ ମିଳୁନାହାନ୍ତି ଦାତା। ଏଥିପାଇଁ ଅନେକ ଲୋକ ଜୀବନ ହାରୁଛନ୍ତି। ଏହି ସମସ୍ୟାର ସମାଧାନରେ ଏବେ ଆଗକୁ ଆସୁଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ । ଭୁବନେଶ୍ୱର ସମେତ ଦେଶର ଆଉ ୩ଟି ଏମ୍ସର ଡାକ୍ତରମାନେ ଏହାର ପ୍ରଶିକ୍ଷଣ ନେଉଛନ୍ତି। ନ୍ୟାସନାଲ୍ ଏକାଡେମୀ ଅଫ୍ ମେଡିକାଲ୍ ସାଇନସ୍ସେ ଏବଂ ଏମ୍ସର ମିଳିତ ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି।

ପ୍ରତିଦିନ କେହି ନା କେହି ହସ୍ପିଟାଲର ବେଡ୍‌ରେ ଅପେକ୍ଷା କରୁଛନ୍ତି। ଆଖିରେ ଆଶା,ହୃଦୟରେ ଭୟ ଏବଂ ମନରେ ଏକମାତ୍ର ପ୍ରାର୍ଥନା। 'କେବେ ମିଳିବ ଏକ ଅଙ୍ଗ'କିନ୍ତୁ ସମସ୍ତଙ୍କର ଭାଗ୍ୟ ସମାନ ନୁହେଁ। ପ୍ରତିଦିନ ୧୫ରୁ ୨୦ ଜଣ ଲୋକ ଏହି ଅପେକ୍ଷାରେ ହିଁ ଜୀବନ ହାରୁଛନ୍ତି। ସଚେତନତା ଅଭାବରୁ ଆଜି ବି ଅନେକ ରୋଗୀ ଅଙ୍ଗ ପ୍ରତ୍ୟାରୋପଣ କରିବାରେ ଅସମର୍ଥ ହେବାରୁ ଜୀବନ ହାରୁଛନ୍ତି। ସରକାରୀ ତଥ୍ୟ କହୁଛି, ପ୍ରତିବର୍ଷ ପ୍ରାୟ ୫ ଲକ୍ଷରୁ ଅଧିକ ଲୋକଙ୍କୁ ଅଙ୍ଗ ପ୍ରତ୍ୟାରୋପଣ ଆବଶ୍ୟକ। ଅର୍ଥାତ ପ୍ରତିଦିନ ପ୍ରାୟ ୧୩୦୦ରୁ ୧୪୦୦ ଲୋକଙ୍କୁ ଅଙ୍ଗ ଆବଶ୍ୟକ। ଲକ୍ଷାଧିକ ରୋଗୀ ଏବେବି ଅପେକ୍ଷାରେ ଅଛନ୍ତି। ଅନେକ ସମୟରେ ଅଙ୍ଗଦାତାଙ୍କ ଅଭାବ ଥିବାବେଳେ କିଛି ସମୟରେ ଉପଯୁକ୍ତ ଅଙ୍ଗ ମିଳିବାରେ ବିଳମ୍ବ ହୋଇଯାଏ। ଆଉ ରୋଗୀଙ୍କ ଜୀବନ ଚାଲିଯାଏ। କିନ୍ତୁ ଏବେ ଏହି ସମସ୍ୟାର ସମାଧାନ କରିବ ଏଆଇ । ଏଆଇ ସିଷ୍ଟମ୍, ଡୋନର ଓ ରିସିଭରଙ୍କ ଜେନେଟିକ୍ ଡାଟା ବିଶ୍ଳେଷଣ କରିଥାଏ। ଏବଂ ଶ୍ରେଷ୍ଠ ମ୍ୟାଚ୍ ଚିହ୍ନଟ କରାଏ। ଏହାସହିତ ଲ୍ୟାବ୍ ଡାଟା, ଯେପରିକି ବ୍ଲଡ୍ ରିପୋର୍ଟ, ଅର୍ଗାନ୍ ଫଙ୍କସନ୍, ଇନଫେକ୍ସନ୍ ରିସ୍କ ସବୁକୁ ଗୋଟିଏ ସିଷ୍ଟମ୍‌ରେ ମିଶାଇ ଏକ ସଠିକ୍ ନିଷ୍କର୍ଷକୁ ଆଣୁଛି। ଭୁବନେଶ୍ୱର ଏମ୍ସ ସମେତ ଅନ୍ୟ ୩ଟି ଏମ୍ସର ଡାକ୍ତର ଏନେଇ ପ୍ରଶିକ୍ଷଣ ନେଇଛନ୍ତି। ନ୍ୟାସନାଲ୍ ଏକାଡେମୀ ଅଫ୍ ମେଡିକାଲ୍ ସାଇନସ୍ସେ ଏବଂ ଏମ୍ସର ମିଳିତ ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି।




ଅଙ୍ଗ ପ୍ରତ୍ୟାରୋପଣ ପରେ ମଧ୍ୟ ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖୁଛି ଏଆଇ । ସଂକ୍ରମଣ ପୂର୍ବରୁ ଅନୁମାନ କରି ସତର୍କ କରୁଛି। ଏହା ଦ୍ୱାରା ରୋଗୀଙ୍କ ଜୀବନ ଅଧିକ ସୁରକ୍ଷିତ ହେଉଛି। ଯେଉଁଠି ଗୋଟିଏ ପଟେ ଅଙ୍ଗ ଦାନର ଅଭାବ ରହିଛି, ସେଇଠି ଏଆଇ ଏହାକୁ ସଠିକ୍ ଭାବେ ବ୍ୟବହାର କରି ଅଧିକ ଜୀବନ ବଞ୍ଚାଇବାରେ ସହଯୋଗ କରୁଛି। କିନ୍ତୁ ବୈଷୟିକ କୌଶଳ ସହ ଅଙ୍ଗ ଦାନ ପ୍ରତି ଲୋକଙ୍କ ଆଗ୍ରହ ବଢିଲେ ହିଁ ଏହି ସମସ୍ୟା ଦୂର କରିହେବ ବୋଲି ବିଶେଷଜ୍ଞ କହିଛନ୍ତି।

# ତକିଆ ତଳେ ରଖୁଛନ୍ତି କି ତେଜପତ୍ର ?




ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ମଣିଷ ନିଜ ସ୍ୱାସ୍ଥ୍ୟ ଏବଂ ମାନସିକ ଶାନ୍ତି ପାଇଁ ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା କରୁଛି । ନିକଟରେ ସୋସିଆଲ ମିଡିଆରେ ଏକ ଅଜବ କିନ୍ତୁ ପ୍ରଭାବଶାଳୀ ଘରୋଇ ଉପଚାର ବେଶ୍ ଭାଇରାଲ ହେବାରେ ଲାଗିଛି । ତାହା ହେଉଛି ଶୋଇବା ସମୟରେ ତକିଆ ତଳେ ଏକ 'ତେଜପତ୍ର' ରଖିବା । ହୁଏତ ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ଏହା ପଛରେ ରହିଥିବା ବିଶ୍ୱାସ ଏବଂ କିଛି ବୈଜ୍ଞାନିକ ଯୁକ୍ତି ଲୋକଙ୍କୁ ଏହା କରିବାକୁ ବାଧ କରୁଛି ।

କାହିଁକି ଏହାକୁ କୁହାଯାଏ 'ଯାଦୁକରୀ ପତ୍ର' ?: ତେଜପତ୍ର କେବଳ ରୋଷେଇ ଘରର ଏକ ମସଲା ନୁହେଁ ବରଂ ଏହାର ଇତିହାସ ଶତାବ୍ଦୀ ପୁରୁଣା । ପ୍ରାଚୀନ ଗ୍ରୀକ୍ ଏବଂ ରୋମୀୟ ସଭ୍ୟତାରେ ତେଜପତ୍ରକୁ ବିଜୟ, ସୁରକ୍ଷା ଏବଂ ଜ୍ଞାନର ପ୍ରତୀକ ଭାବେ ଗ୍ରହଣ କରନ୍ତି । ଅନେକ ସଂସ୍କୃତିରେ ଏହାକୁ ଏକ 'ଯାଦୁକରୀ ପତ୍ର' ବୋଲି କୁହାଯାଏ, ଯାହା ନକାରାତ୍ମକ ଶକ୍ତିକୁ ଦୂର କରିବାର କ୍ଷମତା ରଖିଥାଏ ।

ନିଦ୍ରାହୀନତା ପାଇଁ ଏକ ଅମୋଘ ଅସ୍ତ୍ର !: ଲୋକମାନେ ତକିଆ ତଳେ ତେଜପତ୍ର ରଖିବାର ସବୁଠାରୁ ବଡ଼ କାରଣ ହେଉଛି ଗଭୀର ଏବଂ ଶାନ୍ତିପୂର୍ଣ୍ଣ ନିଦ୍ରା । ବିଶେଷଜ୍ଞଙ୍କ ମତରେ, ତେଜପତ୍ରରେ ଥିବା ପ୍ରାକୃତିକ ତୈଳ ଏବଂ ସୁଗନ୍ଧ ମନକୁ ଶାନ୍ତ କରିବାରେ ସାହାଯ୍ୟ କରେ । ଯେତେବେଳେ ଆପଣ ଶୋଇଥାନ୍ତି, ଏହାର ମୃଦୁ ସୁଗନ୍ଧ ନିଶ୍ୱାସ ଦେଇ ଶରୀର ଭିତରକୁ ଯାଏ, ଯାହା ମସ୍ତିଷ୍କର ସ୍ନାୟୁକୁ ଆରାମ ଦେଇଥାଏ । ଏହା ଚାପ ଏବଂ ଚିନ୍ତା କମ କରିବାରେ ବହୁତ ସହାୟକ ହୋଇଥାଏ । ଅନେକ ଲୋକ ଶୋଇବା ପୂର୍ବରୁ ଏକ ତେଜପତ୍ର ଉପରେ ନିଜର ବ୍ୟକ୍ତିଗତ ଇଚ୍ଛା ବା 'ଡସତ୍ୱଷ' ଲେଖି ତକିଆ ତଳେ ରଖନ୍ତି । ସେମାନଙ୍କର ବିଶ୍ୱାସ ଯେ, ରାତିସାରା ସେହି ଇଚ୍ଛାର ସକାରାତ୍ମକ ତରଙ୍ଗ ବ୍ରହ୍ମାଣ୍ଡକୁ ଯାଏ ଏବଂ ଶୀଘ୍ର ପୂରଣ ହୁଏ । ଏହା ବ୍ୟତୀତ, ଏହା ଖରାପ ସ୍ୱପ୍ନ କିମ୍ବା ଦୁଷ୍ଟ ଆତ୍ମାର ପ୍ରଭାବକୁ ଦୂର କରେ ବୋଲି ପୁରାତନ ମାନ୍ୟତା ରହିଛି ।

ହାର୍ଟବିଟ୍ ନିୟନ୍ତ୍ରଣ ଓ ମାନସିକ ଶାନ୍ତି: ବୈଜ୍ଞାନିକ ଦୃଷ୍ଟିରୁ ଦେଖିଲେ, ତେଜପତ୍ରରେ କିଛି ଏଭଳି ଜୈବିକ ଗୁଣ ଥାଏ ଯାହା ହୃଦସ୍ପନ୍ଦନକୁ ସ୍ଥିର ରଖିବାରେ ଏବଂ ଶରୀରକୁ ଆରାମ ଦେବାରେ ସାହାଯ୍ୟ କରେ । ଯେଉଁମାନଙ୍କୁ ସକାଳୁ ଉଠିବା ପରେ ଥକ୍କାପଣ ଅନୁଭବ ହୁଏ, ସେମାନଙ୍କ ପାଇଁ ଏହି ଉପଚାର ବେଶ୍ ଲାଭଦାୟକ । ଏହା ଶରୀରର 'କର୍ଟିସୋଲ' ସ୍ତରକୁ ହ୍ରାସ କରି ମାନସିକ ସତେଜତା ପ୍ରଦାନ କରିଥାଏ ।

ଯଦିଓ ଏହା ଏକ ସରଳ ଘରୋଇ ଉପଚାର, କିନ୍ତୁ ଏହାର ସକାରାତ୍ମକ ପ୍ରଭାବ ବହୁତ ବେଶୀ । ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ବ୍ୟକ୍ତିମାନେ ଏହାକୁ ଥରେ ଚେଷ୍ଟା କରି ଦେଖିପାରିବେ । କୁହାଯାଏ, 'ବିଶ୍ୱାସେ ମିଳଇ ହରି । ତେଣୁ ଆପଣଙ୍କର ଗୋଟିଏ ଛୋଟ ପ୍ରୟାସ ଆପଣଙ୍କୁ ଏକ ଗଭୀର ଏବଂ ଶାନ୍ତିପୂର୍ଣ୍ଣ ନିଦ୍ରା ଉପହାର ଦେଇପାରେ ।



# ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ

ନୂଆପଡ଼ା, ୦୭/୪ (ନି.ପ୍ର): ନୂଆପଡ଼ା ଜିଲ୍ଲାର ନୂଆପଡ଼ା ବ୍ଲକ ଅନ୍ତର୍ଗତ ବିରୋମାଲ ଗ୍ରାମପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ନିମନ୍ତେ ଏକ ବ୍ୟାପକ ସଚେତନତା ଶିବିର ଓ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ଲମ୍ୱୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ସିଡିଏମଓ ଡଃ. ଧନେଶ୍ୱର ସେଠୀ, ବିଡିଓ ରୋହିତ ଭୋଇ, ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସ୍ଥାନୀୟ ସରପଂଚ ନିରା ଚନ୍ଦ୍ରକାର ଓ ସମିତି ସଦସ୍ୟା ଗାୟତ୍ରୀ ବାଇ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ସଭା ପରିଚାଳନା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଭାରେ ବିଭିନ୍ନ ବିଭାଗର ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲାରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଫଳରେ ନୂଆପଡ଼ା ରାଜ୍ୟ ଓ ଜାତୀୟ ସ୍ତରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ପ୍ରବାସୀ ଶ୍ରମିକ ସମସ୍ୟା ନିରାକରଣ ପାଇଁ ଲୋକଙ୍କ ସହଭାଗିତା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରତି ଶ୍ରମିକ ପରିବାରକୁ ୩୦୦ ଦିନର କାମ ଯୋଗାଇ ଦେବା ଲକ୍ଷ୍ୟ ରହିଥିବା ସହିତ ଗ୍ରାମରେ ରହି ଆର୍ଥିକ ସ୍ୱାବଲମ୍ବନ ହାସଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମସ୍ତେ ମିଳିମିଶି ପ୍ରବାସମୁକ୍ତ ଗ୍ରାମ ପଂଚାୟତ ଗଢ଼ିବା ପାଇଁ ସେ ଆହ୍ୱାନ କରିଥିଲେ। ଅବୈଧ ମଦ ବିରୋଧରେ ସ୍ୱର ଉତୋଳନ କରିବାକୁ ମଧ୍ୟ ସେ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ "ଝିଅ ପାଇଁ ଗଛଟିଏ" ଓ "ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ" ପାଳନ କରାଯାଇଥିଲା। ଜିଲ୍ଲାପାଳ ଦୁଇ ନବଜାତ ଶିଶୁକନ୍ୟାଙ୍କୁ କୋଳରେ ଧରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଚାରା ଓ ଉପହାର ପ୍ରଦାନ କରିଥିଲେ। ଗର୍ଭବତୀ ମହିଳାମାନଙ୍କୁ ପୃଷ୍ଟିକର ଖାଦ୍ୟ ଓ ଉପହାର ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସ୍କୁଲ୍ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ଓ ୧୦୦ ଦିନରୁ ଅଧିକ କାମ କରିଥିବା ଶ୍ରମିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକମାନଙ୍କୁ ପରିଚୟ ପତ୍ର, ମୃତ୍ୟୁ ସହାୟତା, ବିବାହ ସହାୟତା, ଶିକ୍ଷା ଓ ମାତୃତ୍ୱ ସହାୟତା ପ୍ରଦାନ କରାଯାଇଥିଲା। ୧୦ ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ ବଂଟନ କରାଯାଇଥିଲା। ଏହି ଅବସରରେ ଧରମବନ୍ଧା ଗ୍ରାମ ପଂଚାୟତର ପତୋରା ଗ୍ରାମର ୭ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଶିରୋନାମା ପ୍ରଦାନ କରାଯାଇଥିଲା। ମଧୁବାବୁ ପେନସନ ଯୋଜନାରେ ନୂତନ ୫ ଜଣ ହିତାଧିକରୀଙ୍କୁ ପ୍ରଥମ କିସ୍ତି ପେନସନ ବଂଟନ କରାଯାଇଥିଲା। ଏହା ସହ ଏସଏଚଜି ସଦସ୍ୟ ରୁପଲତା ଚନ୍ଦ୍ରକାର, ଶିକ୍ଷକ ଗୋକୁଳରାମ ଦଣ୍ଡସେନା ଓ ଅବସରପ୍ରାପ୍ତ ଆଙ୍ଗନୱାଡ଼ି କର୍ମୀ ସଲ୍ୟା କୁମାରୀ ରଣାଙ୍କୁ "ସ୍ୱଚ୍ଛତା ଦୂତ ପୁରସ୍କାର" ପ୍ରଦାନ କରାଯାଇଥିଲା। ପରବର୍ତୀ କାର୍ଯ୍ୟକ୍ରମରେ "ପକ୍ଷୀ ପାଇଁ ଦିନଟିଏ" ପାଳନ କରାଯାଇ ପକ୍ଷୀମାନଙ୍କୁ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇଥିଲା। ଶେଷରେ ଜିଲ୍ଲାପାଳ ଫେରନ୍ତା ପ୍ରବାସୀ ଶ୍ରମିକ ଦୀପେନ ରାଉତ ଓ ତାଙ୍କ ସ୍ତ୍ରୀ ଶ୍ରୀମତୀ କୁନ୍ତଳା ସତନାମୀଙ୍କୁ ସାକ୍ଷାତ କରି ସେମାନଙ୍କୁ ସରକାରୀ ସହାୟତା ଦେବା ସହ ଆଉ ପ୍ରବାସକୁ ନଯିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମରେ "ପ୍ରବାସମୁକ୍ତ ଓ ଉନ୍ନତ ପଂଚାୟତ" ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ।

# ମିଳୁନାହିଁ ରନ୍ଧନ ଗ୍ୟାସ ସିଲିଣ୍ଡର : ହାତବାନ୍ଧି ବସିଛନ୍ତି ଜଳଖିଆ ଦୋକାନୀ, ସମସ୍ୟା ଭୋଗୁଛନ୍ତି ଗ୍ରାହକ

ଜୟପୁର, ୦୭/୪ (ନି.ପ୍ର): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଏବେ ସବୁଠି ଦେଖିବାକୁ ମିଳିଛି । ସବୁ କ୍ଷେତ୍ରରେ ଦେଖିବାକୁ ମିଳିଛି । ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଯୁଦ୍ଧର ପ୍ରଭାବ । କେଉଁଠି ଖାଦ୍ୟ ସାମଗ୍ରୀ ହେଉ ତ କେଉଁଠି ଗ୍ୟାସ , ସବୁଠାରେ ଯୁଦ୍ଧର ପ୍ରଭାବ ଲକ୍ଷ୍ୟ କରାଯାଇଛି । ମୁଖ୍ୟତଃ ଏହି ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡ଼ିଛି । ବିଶେଷକରି ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ଏବେ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଛି । କୋରାପୁଟ ଜିଲା ଜୟପୁର ସହର କିମ୍ବା ଗ୍ରାମାଚଂଳରେ ଗ୍ୟାସ୍ ସିଲିଣ୍ଡର୍ ମିଳୁ ନଥିବାରୁ ଅନେକ ଜଳଖିଆ ଦୋକାନୀ ହାତବାନ୍ଧି ବସିଛନ୍ତି । ବିଭିନ୍ନ ସ୍ଥାନରୁ ଏହି ସହରକୁ ଆସୁଥିବା ଲୋକମାନେ ବିଶେଷ ହଇରାଣ ହେଉଛନ୍ତି । ରନ୍ଧନ ଗ୍ୟାସ୍ ସଙ୍କଟ କାରଣରୁ ରାଜ୍ୟର ଅଧିକାଂଶ ସହରରେ ଥିବା ଜଳଖିଆ ଦୋକାନ ବନ୍ଦ ରହିଛି । ରନ୍ଧନ ଗ୍ୟାସ୍ ଅଭାବ ପାଇଁ ଏବେ ଅନେକ ଜଳଖିଆ ଦୋକାନରେ ବେପାର ଠପ୍ ହୋଇଯାଇଛି । ଏବେ ଜଳଖିଆ ଦୋକାନ ବନ୍ଦ ରହୁଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମାତ୍ର ଯେଉଁ କେତୋଟି ଜଳଖିଆ ଦୋକାନ ଖୋଲା ରହୁଛି ସେଠାରେ ପ୍ରବଳ ଗହଳି ହେଉଛି । ଗ୍ୟାସ୍ ସିଲିଣ୍ଡର୍ ଅଭାବ ପାଇଁ କେବଳ ସହର ଭିତରର ଜଳଖିଆ ଦୋକାନ ବନ୍ଦ ରହୁଛି ତାହା ନୁହେଁ ବରଂ କିଛି ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ରହିଛି । ଅନ୍ୟପଟରେ କୋରାପୁଟ ଜିଲାକୁ ଆସୁଥିବା ପର୍ଯ୍ୟଟକ ମାନେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏମିତିକି ହୋଟେଲ ଓ ଜଳଖିଆ ଦୋକନରେ ଥିବା ମେନୁକୁ ମଧ୍ୟ ପରିବର୍ତନ କରିସାରିଲେଣି ଅନେକ ମାଲିକ । ସରକାର ବାରମ୍ବାର ଗ୍ୟାସର ଅଭାବ ନଥିବା କହୁଛନ୍ତି, ମାତ୍ର ଅନେକ ଜଳଖିଆ ଦୋକାନୀ ଓ ହୋଟେଲ ମାନଙ୍କରେ ଗ୍ୟାସ ସରିଯିବାରୁ ବ୍ଲାକରେ ୩୦୦୦ରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଦେଇ କିଣିବାକୁ ବାଧ ହେଉଛନ୍ତି । ପ୍ରତ୍ୟେକ ଦିନ ବହୁ ମାତ୍ରାରେ ଗ୍ୟାସ ସିଲିଣ୍ଡର ରାଜ୍ୟର ବିଭିନ୍ନ ସ୍ଥାନର କଳାବଜାରୀଙ୍କ ଠାରୁ ଜବତ କରାଯାଉଛି ମାତ୍ର ଗ୍ୟାସର ଅଭାବ ସେହିଭଳି ଲାଗିରହିଛି । ଅନେକ ଉଠାଦୋକାନୀ ବାଧ ହୋଇ ବ୍ୟବସାୟ ବନ୍ଦ କରି ନିଜ ଗାଁକୁ ମଧ୍ୟ ପଳାଇଯାଉଥିବା ଦେଖିବାକୁ ମିଳୁଛି । ଅନେକ ସ୍ଥାନରେ ଥିବା ଜଳଖିଆ ଦୋକାନୀ ନିଜର ଖାଦ୍ୟ ମୂଲ୍ୟ ମଧ୍ୟ ବଢ଼ାଇ ଦେଇଛନ୍ତି । ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ପାଇଁ ସହର ବାସିନ୍ଦା ଏବେ ଘରେ ଜଳଖିଆ ତିଆରି କରି ଖାଉଛନ୍ତି । ଗ୍ୟାସ ନେବାକୁ ଗ୍ୟାସ ଏଜେନ୍ସୀ ଆଗରେ ପ୍ରବଳ ଭିଡ଼ ଲାଗିରହୁଥିବା ଦେଖିବାକୁ ମିଳୁଛି । ଆଗାମୀ ଦିନରେ ଯଦି ଏହି ସଙ୍କଟ ନଟଳେ ତେବେ ଲୋକମାନେ ଆହୁରି ଅସୁବିଧାର ସମ୍ମୁଖୀନ ହେବା ଜଳଜଳ ଦେଖାଯାଉଛି । କେଉଁଦିନ ଏହି ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ଦୂର ହେଉଛି ତାକୁ ଅପେକ୍ଷା କରିଛନ୍ତି ଜିଲ୍ଲାବାସୀ ।

# ବଣୁଆ ଦନ୍ତା ହାତୀଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ

ଚମ୍ପୁଆ, ୦୭/୪ (ନି.ପ୍ର): ଚମ୍ପୁଆ ବନାଂଚଳରେ ସର୍ବମୋଟ ୩୬ଟି ବଣୁଆ ହାତୀ ରହିଥିବାବେଳେ ଗୋଠଛଡ଼ା ହୋଇ ଦୁଇଟି ବଣୁଆ ଦନ୍ତାହାତୀ ଅଲଗା ଅଲଗା ସ୍ଥାନରେ ରହି ଉପଦ୍ରବ କରୁଥିବା ଜଣାପଡ଼ିଛି । ଚମ୍ପୁଆ ସେକ୍ସନରେ ଗୋଟିଏ ଗୋଠ ଛଡ଼ା ଦନ୍ତା, ଉଖୁଣ୍ଡା ସେକ୍ସନରେ ଗୋଟିଏ ଗୋଠ ଛଡ଼ା ଦନ୍ତା, ଯୋଡ଼ା ସେକ୍ସନରେ ୧୯ଟି ବଣୁଆ ହାତୀ, ବାଲିବନ୍ଧ ସେକ୍ସନରେ ୧୩ଟି ବଣୁଆ ହାତୀ, ବାମେବାରି ସେକ୍ସନରେ ୨ଟି ବଣୁଆ ହାତୀ ସର୍ବମୋଟ ୩୬ଟି ବଣୁଆ ହାତୀ ରହିଥିବା ଚମ୍ପୁଆ ବନାଂଚଳ ଅଧିକାରୀ ଏସିଏଫ୍ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି। ହାତୀପଲ ମଧ୍ୟ ରାତ୍ରରେ ଘର ନିକଟକୁ ଯାଇ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହିତ ବାଡ଼ି ବଗିଚାରେ ପଶି ପନିପରିବା ନଷ୍ଟ କରୁଛନ୍ତି। ଚମ୍ପୁଆ ବନାଂଚଳର ଚମ୍ପୁଆ ସେକ୍ସନ କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଗୋଠଛଡ଼ା ଦନ୍ତା ରହି ନିକଟସ୍ଥ କୃଷ୍ଣପୁର ଗ୍ରାମରେ ପଶି ଜଣକ ଘର ଭାଙ୍ଗି ଧାନ ଚାଉଳ ଖାଇଥିବାବେଳେ ସେହିପରି ଉଖୁଣ୍ଡା ସେକ୍ସନର ଉଖୁଣ୍ଡା ବିଟ ଅନ୍ତର୍ଗତ କଟୁପଶି ଗ୍ରାମର ହଗୁରୁ ମହାନ୍ତ, ଗମା ମହାନ୍ତଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଥିବା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ଜ୍ୟୋତିପୁର ବିଟର ପାରୁଡ଼ିପଶୀ ଗ୍ରାମର ବିରଂଚି ବେହେରାଙ୍କ ଘର ମଧ୍ୟ ଭାଙ୍ଗି ଧାନ ଚାଉଳ ଖାଇଥିବା ସୂଚନା ମିଳିଛି। ହାତୀ ଦୁଇଟିର ଗତିବିଧି ଉପରେ ବନ ବିଭାଗ ନଜର ରଖିବା ସହିତ ନିକଟସ୍ଥ ଗ୍ରାମାଂଚଳଗୁଡ଼ିକରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସତର୍କ ରହିବା ନିମନ୍ତେ ବନବିଭାଗ କର୍ମଚାରୀ ସୂଚନା ଦେଉଥିବା ଦେଖିବାକୁ ମିଳିଛି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡା, ୦୭/୪ (ନି.ପ୍ର): ନୂଆପଡା ଜିଲ୍ଲା ସଦରମହକୁମା ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳଙ୍କ ସହ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ), ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ, (କେନ୍ଦୁପତ୍ର) ଏ ମାଧବୀଲତା, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ୱୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ୍ ନାୟକ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଧନେଶ୍ୱର ସେଠୀ, ନୂଆପଡ଼ା ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୮୧ ଗୋଟି ବ୍ୟକ୍ତିଗତ ଓ ୧୦ଟି ଗୋଷ୍ଠୀଗତ ଏଭଳି ମୋଟ ୯୧ ଗୋଟି ଅଭିଯୋଗର ଶୁଣାଣୀ ଜିଲ୍ଲାପାଳ କରିଥିଲେ । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ, ଜିଲ୍ଲାପାଳ ବେଦବାଇ ଶବର ଓ ଜାନକୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ତତ୍କାଳ ସହାୟତା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରଦାନ କରିଥିଲେ। ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ପ୍ରକାଶ ସାହୁ, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଓ ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ୍ ବିଭାଗ ଅଧିକାରୀ , ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ଅପରାହ୍ନରେ ବିରୋମାଲ ଗ୍ରାମ ପଂଚାୟତରେ ପରିବର୍ଦ୍ଧିତ ଜନଶୁଣାଣୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରାମ ପଂଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପଟ୍ଟାମୁଣ୍ଡାଇ ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡା, ୦୭/୪ (ନି.ପ୍ର): ପଟ୍ଟାମୁଣ୍ଡାଇ ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ଅଭିଯୋଗ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଆଜିର ଶିବିରରେ ମୋଟ୍ ୯୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୮୭ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୁହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୧୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ପଟ୍ଟାମୁଣ୍ଡାଇ ବିଡିଓ ଓ ତହସିଲଦାର, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ ବିଭାଗ) ସରୋଜ କୁମାର ବେହେରାଙ୍କ ସହ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଆସନ୍ତା ୧୩ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, କେନ୍ଦ୍ରାପଡ଼ା, ୨୦ ତାରିଖରେ ରାଜକନିକା ବ୍ଲକ କାର୍ଯ୍ୟାଳୟ, ୨୭ ତାରିଖରେ ଆଳି ବ୍ଲକ, ୪ ମଇରେ ମାର୍ଶାଘାଇ ବ୍ଲକ, ୧୧ ମଇ ମହାକାଳପଡ଼ା ବ୍ଲକ, ୧୮ ମଇରେ ଡେରାବିଶ ବ୍ଲକ ଏବଂ ୨୫ ମଇରେ ଗରଦପୁର ବ୍ଲକ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଚମ୍ପୁଆ, ୦୭/୪ (ନି.ପ୍ର): ଚମ୍ପୁଆର ନିର୍ବାଚନ ମଣ୍ଡଳିର ବିଭିନ୍ନ ମଣ୍ଡଳ ସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦିକା ମମତା ସିଂ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ବିଜେପି ଜିଲା ସଭାପତି ଶୁକଦେବ ମହାନ୍ତ, ଚମ୍ପୁଆ ନିର୍ବାଚନ ମଣ୍ଡଳିର ବରିଷ୍ଠ ବିଜେପି ନେତା ଡଃ ମୁରଲି ମନୋହର ଶର୍ମା, ବିଜେପି ପୂର୍ବତନ ଜିଲା ସମ୍ପାଦକ ରମେଶ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟା ଝରଣା ମହାନ୍ତ, ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା(ବାଦଲ), ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ମଣ୍ଡଳ ସଭାପତି କରଞ୍ଜିଆ କିଶୋର ମହାନ୍ତ, ଯୋଡା ମଣ୍ଡଳ ସଭାପତି ପାର୍ଥ ସାରଥୀ ଷଡଙ୍ଗୀ, ବିଲେଇପଦା ମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ବାରିକ, ବିଜେପି ନେତ୍ରୀ ମମତା ରାଉତ ପ୍ରମୁଖ ବହୁ କାର୍ଯ୍ୟକର୍ତା ଏଥିରେ ଯୋଗଦାନ କରିଥିଲେ। ଉକ୍ତ ତାଲିମ ଶିବିରରେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଲୋକମାନଙ୍କ ନିମନ୍ତେ ଉଦ୍ଧିଷ୍ଟ ସମସ୍ତ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଉଭୟ ସରକାର ଯେଉଁ ଯୋଜନାମାନ ପ୍ରଣୟନ କରିଛନ୍ତି ସେହି ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ତା'ର ତଦାରଖ କରିବା ନିମନ୍ତେ ସରକାରଙ୍କ ସରକାରୀକଳ ସହିତ ମିଶି ସେଗୁଡ଼ିକର ସଠିକ ରୂପାୟନ ହେଉଛି କି ନାହିଁ ତାହା ଦେଖିବା ଉପରେ କର୍ମକର୍ତାଙ୍କୁ ସୂଚନା ଦେଇଥିଲେ।

# ଜମି କିସମ ପରିବର୍ତ୍ତନକୁ ବିରୋଧ : ଏନଏଲସି ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା, ୦୭/୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ପତ୍ରାପାଲି ଓ ମଲଦା ଗ୍ରାମପଂଚାୟତର ଗ୍ରାମବାସୀମାନେ ଏନଏଲସି ଇଣ୍ଡିଆ ଲିମିଟେଡ୍ ବିରୋଧରେ ଜମି କିସମ ପରିବର୍ତନ ଓ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁସାରେ, ତଲାବିରା ୨ ଓ ୩ ଓସିପି ପ୍ରକଳ୍ପର ଉପଭୋକ୍ତା ସଂସ୍ଥା ଏନଏଲସି ଇଣ୍ଡିଆ ଲିମିଟେଡ୍ ମିଥ୍ୟା ସୂଚନା ଦେଇ ଜଙ୍ଗଲ ମଞ୍ଜୁରୀ ହାସଲ କରିଛି। ପତ୍ରାପାଲି ଗାଁର ଖାତା ନଂ ୧୬୫ ଅନ୍ତର୍ଗତ ଅନେକ ପ୍ଲଟ୍ କୁ 'ପତିତ' ବୋଲି ଦର୍ଶାଯାଇଥିବା ବେଳେ, ସରକାରୀ ରେକର୍ଡରେ ୧୯୮୦ରୁ ୨୦୨୫ ପର୍ଯ୍ୟନ୍ତ ଏହାକୁ 'ପଥରବାଣୀ' କିସମ ଭାବେ ଉଲ୍ଲେଖ ରହିଛି। ଏହି ପରିସ୍ଥିତିରେ କିସମ ପରିବର୍ତନ ଛଡ଼ା ଗଛ କାଟିବା ଉଦ୍ୟମକୁ ଗ୍ରାମବାସୀମାନେ ତୀବ୍ର ବିରୋଧ କରିଛନ୍ତି। ଏହାସହ, କମ୍ପାନୀ ପକ୍ଷରୁ ଗ୍ରାମ ପାର୍ଶ୍ୱ, ପଂଚାୟତ ରାସ୍ତା ଓ ପତ୍ରାପାଲି ହାଇସ୍କୁଲ ପଛପଟେ ଡମ୍ପିଂ ୟାର୍ଡ ସୃଷ୍ଟି କରାଯାଇଥିବାରୁ ଲୋକମାନଙ୍କ ଜୀବନ ଜୀବିକା ଓ ସୁରକ୍ଷା ନେଇ ଆଶଙ୍କା ବୃଦ୍ଧି ପାଇଛି। ଏକମାତ୍ର ସାର୍ବଜନିକ ରାସ୍ତା ଦେଇ କମ୍ପାନୀର ଭାରି ଯାନ ଚଳାଚଳ କରୁଥିବାରୁ ଛାତ୍ରଛାତ୍ରୀ, ମହିଳା ଓ ବୟସ୍କମାନେ ଅସୁରକ୍ଷିତ ମଣୁଛନ୍ତି। କୋଇଲା ଖଣି ନିୟମାବଳୀ ଅନୁଯାୟୀ ସ୍ୱଏଲ ଉଚ୍ଚତା ୩୦ ମିଟର ମଧ୍ୟରେ ରହିବାକୁ ଥିବା ସତ୍ତ୍ୱେ, ପତ୍ରାପାଲି ହାଇସ୍କୁଲ ପଛପଟେ ଏହା ୪୦ ମିଟରରୁ ଅଧିକ ରଖାଯାଇଥିବା ଅଭିଯୋଗ ହୋଇଛି। ବର୍ଷା ଋତୁରେ ଏହା ବଡ଼ ବିପଦ ସୃଷ୍ଟି କରିପାରେ ଓ ସ୍ୱଏଲ ଜଳସ୍ରୋତ ସହିତ ସ୍କୁଲ ଓ ଦୋକାନକୁ ପ୍ରବେଶ କରିପାରିବ ବୋଲି ଗ୍ରାମବାସୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏହି ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ କମ୍ପାନୀ ସମ୍ମୁଖରେ ଧାରଣାରେ ବସିବାକୁ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

# ସୋନପୁର ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୦୭/୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଂଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ସମ୍ବନ୍ଧୀୟ ସର୍ବମୋଟ ୫୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୪୪ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୦ଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଅଶ୍ୱିନୀ କୁମାର ମେହେର, ଉପ-ଜିଲ୍ଲାପାଳ ଡଃ. ସୌମ୍ୟ ରୁପା ରଥ, ଡେପୁଟି କଲେକ୍ଟର (ଅଭିଯୋଗ ଶୁଣାଣୀ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସହିତ ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝୀ ଏବଂ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୦୭/୪ (ନି.ପ୍ର): ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି, ସୁବର୍ଣ୍ଣପୁର ପାଇଁ ନୂତନ ଭାବେ ଚୟନ ହୋଇଥିବା ସଭାପତି ତଥା ବୀରମହାରାଜପୁର ବିଧାୟକ ଶ୍ରୀ ରଘୁନାଥ ଜଗଦଲାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ଅପରାହ୍ନରେ ସ୍ଥାନୀୟ ସୋନପୁର ପଂଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲା ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସଭାପତି ଶ୍ରୀ ଜଗଦଲାଙ୍କୁ ସ୍ୱାଗତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ, ଡ. ସୌମ୍ୟାରୂପା ରଥଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ତାଙ୍କର ମତ ରଖି ସଭାପତି ଶ୍ରୀ ଜଗଦଲାଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସହିତ ମିଳିମିଶି କାମ କରିବ ବୋଲି ପ୍ରତିକ୍ରିୟା ରଖିଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ନାଏକ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସଭାପତି ଶ୍ରୀ ଜଗଦଲା ନିଜର ମନ୍ତବ୍ୟ ରଖି ସୁବର୍ଣ୍ଣପୁର ଜିଲ୍ଲାର ଉତରୋତର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ଖୁବ୍‌ଶୀଘ୍ର ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟିର ପ୍ରମୁଖ ସଦସ୍ୟମାନଙ୍କ ସହିତ ଆଲୋଚନା କରି ଆସନ୍ତା ଏକ ମାସ ମଧ୍ୟରେ ବୈଠକ କରାଯିବା ଓ ଯୋଜନା ଅନୁସାରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ।

# ଚମ୍ପୁଆକୁ ସରକାରୀ ବସ ଚଳାଚଳ ଦାବି

ଚମ୍ପୁଆ, ୦୭/୪ (ନି.ପ୍ର): ଉପାନ୍ତ ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟକୁ ସରକାରୀ ଚଳାଚଳ କରିବାକୁ ଦାବୀ ହେଉଛି। ବହୁଦିନରୁ ଚାଲୁଥିବା ବସ୍‌ଗୁଡ଼ିକ ମଧ୍ୟ ବନ୍ଦ ହୋଇଯିବା କାରଣରୁ ଚମ୍ପୁଆବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବ୍ୟବସାୟୀ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, ଚାକିରୀଜୀବୀ, ସ୍ୱାସ୍ଥ୍ୟଗତ ଅସୁବିଧା ଜନିତ ସମସ୍ୟାର ସୁଧାର ନିମନ୍ତେ ବହୁ ସମୟରେ ଚମ୍ପୁଆ ଲୋକ ଦେହ ଦେଖାଇବା ନିମନ୍ତେ କଟକ, ଭୁବନେଶ୍ୱର ଆଦିକୁ ଯାତାୟାତ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଉନ୍ନତ ମାନର ସରକାରୀ ବସ ଚଳାଚଳ ନିମନ୍ତେ ଦାବୀ ହୋଇ ଆସୁଅଛି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବୀ ହେଉଛି। ଏତଦ୍‌ବ୍ୟତୀତ ବଡ଼ବିଲରୁ ରିମୁଳି ଦେଇ ପୁରୀ ଏକ ସରକାରୀ ଭଲଭୋ ବସ ଯାତାୟାତ କରୁଛି। ସେହିଭଳି ଅନ୍ୟ ଏକ ଭଲଭୋ ବସ୍ ଚମ୍ପୁଆରୁ ସିଧାସଳଖ ପୁରୀକୁ ଯାତାୟାତ କରିବାକୁ ଚମ୍ପୁଆବାସୀ ପୂର୍ବରୁ ଦାବୀ କରି ଆସୁଥିଲେ ମଧ୍ୟ ବର୍ତମାନର ଡବଲ ଇଞ୍ଜିନ ସରକାର କର୍ଣ୍ଣପାତ କରୁନଥିବା ଦେଖିବାକୁ ମିଳୁଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରୀ ବସ ଚଳାଚଳ ସରକାରୀ ସୁବିଧା ମୁତାବକ ବା ସମୟ ପରିବର୍ତନ କରି ଚଳାଚଳ କରିବାକୁ ଦୃଢ ଦାବୀ ହୋଇଛି। ଖବରନେବାରୁ ଜଣାପଡ଼ିଛି ଯେ ପୂର୍ବରୁ ଚମ୍ପୁଆରୁ କଟକକୁ ଭୋର୍ ୪ଘ.୪୫ମିନିଟ ସମୟରେ ବାହାରି କେନ୍ଦୁଝର ଭାୟା ଘଟଗାଁ, ହରିଚନ୍ଦନପୁର, ଚଣ୍ଡିଖୋଲ ଦେଇ ଏକ ବସ୍ ଚଳାଚଳ କରୁଥିଲା। ସେହି ଗାଡ଼ି କଟକରୁ ୧୨ଘ.୫୫ ମିନିଟ୍ ସମୟରେ ବାହାରି ଚମ୍ପୁଆକୁ ପ୍ରାୟ ରାତ୍ରୀ ୮ ଘଟିକା ସମୟରେ ପହଂଚୁଥିଲା। ସେହିପରି ଅନ୍ୟଏକ ସରକାରୀ ବସ ଭୁବନେଶ୍ୱରରୁ ପ୍ରାୟ ୮ ଘଟିକାରୁ ଆସି ଚମ୍ପୁଆକୁ ଦିନ ୨ ଘଟିକା ସମୟରେ ପହଂଚୁଥିଲା ଓ ସେହି ଗାଡ଼ି ଚମ୍ପୁଆରୁ ପ୍ରାୟ ଦିନ ୩ ଘଟିକାରେ ଛାଡ଼ି ଭୁବନେଶ୍ୱରକୁ ରାତ୍ରୀ ୧୦ ଘଟିକା ସମୟରେ ପହଂଚୁଥିଲା। ଲୋକେ ସେଥିରେ ଯାଆସ କରି ନିଜର କାମଦାମ ଆଦି କରୁଥିଲେ ଏବଂ ସବୁ ଠିକଠାକ ଚାଲୁଥିଲା। ମାତ୍ର ଗତ ତିନି ମାସ ହେବ ଗାଡ଼ିଗୁଡ଼ିକ ବନ୍ଦ ହୋଇଯାଇଛି। ଗାଡ଼ିଗୁଡ଼ିକ ବନ୍ଦ ହୋଇଯିବା କାରଣରୁ ଚମ୍ପୁଆ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ କେଉଁ କାରଣ ପାଇଁ ଗାଡ଼ିଗୁଡ଼ିକ ବନ୍ଦ ହେଲା ନା ଘରୋଇ ବସ୍ ମାଲିକ ସଂଘର ଚାପ କ୍ରମେ ଗାଡ଼ିଗୁଡ଼ିକ ବନ୍ଦ ରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବଲାଙ୍ଗିର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବଲାଙ୍ଗିର, ୦୭/୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଦର ମହକୁମାସ୍ଥିତ ପଂଚାୟତ ସାଧନ କେନ୍ଦ୍ରର ବୈଠକ ଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣାନିଧି ମଲ୍ଲିକ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଆପତି ସମ୍ପର୍କିତ ୬୫ଟି ପଞ୍ଜୀକୃତ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ସେଥିରୁ ୪ଟି ସାମୁହିକ ଓ ୬୧ଟି ବ୍ୟକ୍ତିଗତ ଦରଖାସ୍ତ ଥିଲା । ତନ୍ମଧ୍ୟରୁ ୭ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା । ଅନ୍ୟାନ୍ୟ ପତ୍ରଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାଖଲ କରାଯାଇ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ସୋଭିନା ଭୋଇ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର, ୦୭/୪ (ନି.ପ୍ର): ମହାମହିମ କୁଳାଧିପତିଙ୍କ କାର୍ଯ୍ୟାଳୟର ନୋଟିଫିକେଶନ୍ ସଂଖ୍ୟା GOV-HE-UI-0010-2020/4460/SG (HE), ତାରିଖ ୬ ଏପ୍ରିଲ ୨୦୨୬ ଅନୁସାରେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ତାରିଖ ୭ ଏପ୍ରିଲ ୨୦୨୬ ପୂର୍ବାହ୍ନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱରର କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଲ୍ଲେଖନୀୟ ଯେ, ପ୍ରଫେସର ତ୍ରିପାଠୀ ଦ୍ୱିତୀୟ ଥର ପାଇଁ ଏହି ପ୍ରତିଷ୍ଠିତ ପଦବୀରେ



ପୁନର୍ନିଯୁକ୍ତ ହୋଇଛନ୍ତି, ଯାହା ତାଙ୍କ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସକୁ ପ୍ରତିଫଳିତ କରିଛି । ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଥିଲା। ତାଙ୍କର ଦୃଢ଼ ନେତୃତ୍ୱ, ସମୃଦ୍ଧ ଶିକ୍ଷାଗତ ଅନୁଭବ ଓ ପ୍ରଶାସନିକ କୁଶଳତା ହେତୁ ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ସାମଗ୍ରିକ ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଧିକାରୀ, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ଓ ସମଗ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ପ୍ରଫେସର ତ୍ରିପାଠୀଙ୍କୁ ହୃଦୟପୂର୍ବକ ଅଭିନନ୍ଦନ ଓ ଅନେକ ଶୁଭେଚ୍ଛା ଜଣାଯାଇଛି। ତାଙ୍କର ସୁଦୃଢ଼ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ନୂତନ ସଫଳତାର ଶିଖର ଛୁଇଁବ ବୋଲି ସମସ୍ତେ ଖୁସିର ସହ ଆଶାବ୍ୟକ୍ତ କରିଛନ୍ତି। ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ତାଙ୍କର ସଫଳ କାର୍ଯ୍ୟକାଳ ପାଇଁ ଅନେକ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟର ପ୍ରଗତିଶୀଳ ଓ ସଫଳ ଯାତ୍ରା ପାଇଁ ଆଶା କରାଯାଉଛି।

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ନେଇ ଜୁଏଲ ଓରାମଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର, ୦୭/୪ (ନି.ପ୍ର): ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ଶ୍ରୀମତୀଙ୍କ ରାଉରକେଲା ଗସ୍ତ ଅବସରରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଶ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିଛନ୍ତି । ରାଷ୍ଟ୍ରପତିଙ୍କ ଏହି ଗସ୍ତ ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଏହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଆମ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରସ୍ତୁତି ଓ ସହଯୋଗ ଜାରି ରଖିଛନ୍ତି।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସର ସୁସ୍ଥ ଓଡ଼ିଶା ଗଠନ ପଇଁ ପ୍ରତିବଦ୍ଧତାକୁ ଦୋହରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୭/୪ (ନି.ପ୍ର): ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ, ସୁସ୍ଥ ଓଡ଼ିଶା ଗଠନ ପଇଁ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆସନ୍ତୁ ଆମେ ସାମୂହିକ ଭାବେ ଏକ ସୁସ୍ଥ ଓଡ଼ିଶା ଗଠନ ପାଇଁ ଆମ ପ୍ରତିବଦ୍ଧତାକୁ ଦୋହରାଇବା । ଆମ ସରକାର ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଢାଞ୍ଚାକୁ ମଜବୁତ କରିବା, ଶସ୍ତା ଏବଂ ଗୁଣାତ୍ମକ ଚିକିତ୍ସା ସେବାକୁ ସମସ୍ତଙ୍କ ପହଞ୍ଚରେ ଆଣିବା ସହିତ ପ୍ରତିରୋଧମୂଳକ ଚିକିତ୍ସାକୁ ପ୍ରୋତ୍ସାହନ ଦେଇଆସୁଛି। ଆସନ୍ତୁ ଆମେ ସମସ୍ତେ ମିଶି ଏକ ଶକ୍ତିଶାଳୀ ଏବଂ ସହନଶୀଳ ଓଡ଼ିଶା ଗଠନ କରିବା, ଯେଉଁଠାରେ ପ୍ରତ୍ୟେକ ନାଗରିକ ସୁସ୍ଥ ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବ୍ୟତୀତ କରିପାରିବେ।

# ବେଆଇନ ବାଲି ଲୁଟ ଘଟଣାର ଖଣି କର୍ତ୍ତୃପକ୍ଷଙ୍କ ତଦନ୍ତ ଜାରି: ଜେସିବି, ଡମ୍ଫର, ଟ୍ରାକ୍ଟରକୁ ଜବଦ ପାଇଁ ନିର୍ଦ୍ଦେଶ

ଜଳେଶ୍ୱର, ୦୭/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ମହମ୍ମଦ ନଗର ପାଟଣା ବେଲପାଲ ଗ୍ରାମରୁ ବେଆଇନ ବାଲି ଲୁଟ ଘଟଣାର ତଦନ୍ତ ପାଇଁ ପହଞ୍ଚିଲେ ରାଜ୍ୟ ଖଣି ନିର୍ଦ୍ଦେଶକ କାହ୍ନୁ ଚରଣ ଧିର ଏବଂ ଯୁଗ୍ମ ନିର୍ଦ୍ଦେଶକ ଶୁଶାନ୍ତ କୁମାର ପତି। ପୂର୍ବରୁ ବେଲପାଲ ଠାରେ ବାଲି ଲୁଟ ନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ ତତ୍କାଳୀନ ଜିଲ୍ଲା ଖଣି ଅଧିକାରୀଣି ସନ୍ତୋଷୀ ପ୍ରଭା ସେଠୀ।ଏହି ବେଆଇନ ଖାଦାନରୁ ପ୍ରାୟ ଏକ ଶହ କୋଟିରୁ ଅଧିକ ଟଙ୍କାର ବାଲି ଲୁଟ ହୋଇଥିବା ନେଇ ହୋଇଥିଲା ଅଭିଯୋଗ। ବାହାନଗା ଆର ଆଇ ସାଗର ବାସ୍କେ,ତାଙ୍କ ସାନ ଭାଇ ଚନ୍ଦନ ବାସ୍କେ ଏବଂ ତାଙ୍କ ପରିବାର



ବାଲି ଲୁଟ୍ କରୁଥିବା ନେଇ ହୋଇଥିଲା ସଙ୍ଗୀନ ଅଭିଯୋଗ। ଏନେଇ ପୂର୍ବରୁ ଖଣି ବିଭାଗ ବାଲି ଚାଲାଣ ବନ୍ଦ କରିବା ପାଇଁ ଉକ୍ତ ବେଆଇନ ଖାଦାନର ମୁଖ୍ୟ ରାସ୍ତାକୁ ଜେସିବି ସାହାଯ୍ୟରେ ଖୋଳି ଦେଇ ଥିଲେ।ଏହା ସହ ରାଜସ୍ୱ ବିଭାଗ ୧୪୪ ଧାର ଜାରି କରି ନାଲି ପତାକା ଲଗାଇଥିଲେ। ମାତ୍ର ଆର ଆଇ ଶ୍ରୀ ବାସ୍କେ ଆଇନର ଗଳାବାଟ ଦେଇ ସେସବୁକୁ ଉପାଡ଼ି ଫିଙ୍ଗି ଦେଇ ପୁଣି ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିଲେ। ଆଜି ରାଜ୍ୟ ଖଣି ବିଭାଗର ଖଣି ନିର୍ଦ୍ଦେଶକ କାହ୍ନୁ ଚରଣ ଧିର, ଯୁଗ୍ମ ଖଣି ନିର୍ଦ୍ଦେଶକ ଶୁଶାନ୍ତ କୁମାର ପତି, ବାଲେଶ୍ୱର ଜିଲ୍ଲାର ଖଣି ଅଧିକାରୀ ଜଗନ ବେହେରା, ଜଳେଶ୍ୱର ଜୁନିଅର ଖଣି ଅଧିକାରୀ ତାପସ ବେହେରା ଓ ସତ୍ୟ ଚିନ୍ମୟ ଜେନା,ଆଇଆଇସି ଅଶୋକ କୁମାର ବାରିକଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହିତ ବେଆଇନ ଭାବେ ଗଚ୍ଛିତ ଥିବା ବାଲି ଏବଂ ଲୁହାଡଙ୍ଗା, ଡମ୍ଫର, ଟ୍ରାକ୍ଟର, ଜେସିବି ଜବଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଖାଦ୍ୟ ଓ ସାମାଜିକ ସୁରକ୍ଷା ସହିତ ଆବାସ, ସବୁକିଛିରୁ ବଂଚିତ ବିଧବା ମା’ ‘ସୀତା’

ଉଦଳା, ୦୭/୪ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଦପୁଟଳି ଗ୍ରାମରେ ବସବାସ କରୁଥିବା ବିଧବା ମା’ ସୀତା ଦେଈଙ୍କ ଦୁଃଖ କହିଲେ ନସରେ । ସ୍ୱାମୀ ସାନଦଶରଥ ସୋରେନଙ୍କର ଆଜକୁ ଗୋଟିଏ ବର୍ଷ ପୂର୍ବେ ଦେହାନ୍ତ ହୋଇ ଯାଇଛି । ସାମାଜିକ ସୁରକ୍ଷା ଯୋଜନାରେ ସରକାର ବିଧବା ମା’ ମାନଙ୍କୁ ଯୋଗାଇ ଦେଉଥିବା ଭତା ‘ସୀତା’ଏ ପର୍ଯ୍ୟନ୍ତ ପାଇପାରିନଥିବାର ଜଣାଇଛନ୍ତି । ସେହିପରି ଖାଦ୍ୟ ଯୋଜନାରେ ସରକାର ଯୋଗାଇ ଦେଉଥିବା



ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ‘ସୀତା’ଙ୍କ ସମେତ ପରିବାରର ୫ ଜଣ ସଦସ୍ୟ ସମସ୍ତେ ବଂଚିତ ଅଛନ୍ତି । ଆବାସ ଯୋଜନାରେ ଘରଟିଏ ପାଇବା ତାଙ୍କ ପକ୍ଷେ ସାତ ସପନ ପାଲଟି ଯାଇଛି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର କଥା ‘ସୀତା’ କହିଛନ୍ତି । ପରିବାରର କୌଣସି ସଦସ୍ୟଙ୍କର ଆଧାର କାର୍ଡ଼ ନଥିବାରୁ ସେ ଏସବୁ ପାଇପାରୁ ନଥିବାର ଜଣାଯାଇଛି । ଆଧାର କାର୍ଡ଼ ପାଇଁ ଫଟୋ ଉଠାପରେ ଏଠାରେ କାର୍ଯ୍ୟରତ ସରକାରୀ ବାବୁ ତାଙ୍କୁ ଟଙ୍କା ମାଗିଥିଲେ । ଏଥିପାଇଁ ‘ସୀତା’ ତାଙ୍କୁ ଏକ ହଜାର ଟଙ୍କା ଦେଇଥିବାର ଜଣାଇଛନ୍ତି । ଟଙ୍କା ନେବା ପରେ ମଧ ସରକାରୀ ବାବୁ ତାଙ୍କୁ ଆଧାରକାର୍ଡ଼ ଦେଲେନାହିଁ ବୋଲି ଅଭିଯୋଗ କରିଛନ୍ତି । ଏହିଭଳି ଗରିବ ଆଦିବାସୀ ବିଧବା ମା’ ମାନେ ସମଗ୍ର କପ୍ତିପଦା ଉପଖଣ୍ଡରେ ବହୁଳ ଭାବରେ ସରକାରୀ ବାବୁ ମାନଙ୍କ ଦ୍ୱାରା ଅକଥନୀୟ ଅତ୍ୟାଚାରର ଶିକାର ହେଉଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ତେବେ ଆଦିବାସୀ ବିଧବା ମା’ ‘ସୀତା’ଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟ ସରକାର ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅନେକ ଗୁଡ଼ିଏ ସ୍ୱେଚ୍ଛାସେବି ସଂଗଠନ ଦାବି ଜଣାଇଛନ୍ତି ।

# ସନ୍ତରଣ ଶିକ୍ଷା ଓ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ବାରିପଦା, ୦୭/୪ (ନି.ପ୍ର): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜର ମିଳିତ ସହଯୋଗରେ ସନ୍ତରଣ ଶିକ୍ଷା ଓ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ପ୍ରଶିକ୍ଷଣ ଶିବିର ମୁର୍ଗାବାଡ଼ିସ୍ଥିତ ଜିଲ୍ଲା ପଞ୍ଚାୟତ ସଂସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶ୍ରୀ ପ୍ରଶାନ୍ତ କୁମାର ନାୟକ, କମାଣ୍ଡାଣ୍ଟ ପଞ୍ଚମ ବାଟାଲିୟନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଜଗବନ୍ଧୁ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ଉକ୍ତ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ କରିଥିଲେ ଯେ ଏହି କାର୍ଯ୍ୟକ୍ରମ ମାଧମରେ ପ୍ରତି ବ୍ୟାଚରେ ୩୦ ଜଣ କରି ୧୦ଟି ବ୍ୟାଚରେ ୩୦୦ ଜଣ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀ ମାନଙ୍କୁ ସନ୍ତରଣ ଶିକ୍ଷା ପ୍ରଦାନ କରାଯିବ ଏବଂ ଗତବର୍ଷ ଗୋଟିଏ ବ୍ୟାଚର ୩୦ଜଣଙ୍କୁ ପ୍ରଶିକ୍ଷଣ



ଦିଆଯାଇଥିବା ବେଳେ ଏବର୍ଷ ଆଉ ୨୭୦ ଜଣଙ୍କୁ ସନ୍ତରଣ କୌଶଳ ତାଲିମ ପ୍ରାପ୍ତ ଓଡ୍ରାଫ୍ ପ୍ରଶିକ୍ଷକମାନଙ୍କ ଦ୍ୱାରା ଦିଆଯିବ ବୋଲି ପ୍ରକାଶ କରିଥିଲେ ଓ ଏହା ମାଧମରେ ବୁଡ଼ି ମରିବା ଘଟଣାକୁ ଆଶାନୁରୂପ ଭାବେ କମ କରାଯାଇ ପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ଏହି ସନ୍ତରଣ ଶିକ୍ଷା କିଭଳି ଅନେକ ଅମୂଲ୍ୟ ଜୀବନର ସୁରକ୍ଷା କବଚ ସାଜି ପାରିବ ତାହା ଜିଲ୍ଲା ଜରୁରୀକାଳୀନ ବିଭାଗର ଭାରପ୍ରାପ୍ତ ଡେପୁଟି କଲେକ୍ଟର ସୁଶ୍ରୀ ଦୀପାଞ୍ଜଳି କହିଥିଲେ। ଏହି ତାଲିମ ନେବା ପରେ ନିୟମିତ ଅଭ୍ୟାସ କରିବା ଓ ନିଜ ପରିବାର ଓ ଗୋଷ୍ଠୀର ପିଲାମାନଙ୍କୁ ମଧ୍ୟ ଶିଖାଇବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶାନ୍ତନୁ କୁମାର ନାୟକ କହିଥିଲେ ଯେ ପାଣିରେ ବୁଡ଼ି ମରିବା ଘଟଣାରେ ମୟୁରଭଞ୍ଜ ଜିଲ୍ଲା ଓଡ଼ିଶାରେ ସର୍ବାଗ୍ରେ ରହିଛି ଏବଂ ଏପରି ସନ୍ତରଣ ଶିକ୍ଷା ମାଧମରେ ଅନେକ ଜୀବନ ହାନି ରୋକାଯାଇ ପାରିବ ଓ ସରକାରଙ୍କ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜ ମିଳିତ ଭାବ ଏକ ବୃହତ୍ତର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ସୂଚନା ଦେଇଥିଲେ। ସେହିପରି ବାରିପଦା ମହିଳା ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସାଗରିକା ସିଂ ବଞ୍ଚିବାର କୌଶଳ ତଥା ଜୀବନର ଲକ୍ଷ୍ୟ ବିଷୟରେ ଅନେକ ଉପାଦେୟ ଶିକ୍ଷା ପ୍ରଦାନ କରିଥିଲେ ଓ ଜୀବନର ବଡ଼ ବଡ଼ ସ୍ୱପ୍ନ ଦେଖି ତାହାକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧାପକ ଶ୍ରୀମତୀ ବିଷ୍ଣୁପ୍ରିୟା ହାଁସଦା ଶିକ୍ଷା କିଭଳି ବ୍ୟକ୍ତିକୁ ପୂର୍ଣ୍ଣାଙ୍ଗ କରିଥାଏ ଓ ବିପଦ ସମୟରେ ସାହାଯ୍ୟ କରେ ତାହା କହିବା ସଙ୍ଗେ ସଙ୍ଗେ ଏଭଳି ତାଲିମ ଆମ ଜିଲ୍ଲା ବା ରାଜ୍ୟରେ ବୁଡ଼ି ମରିବା ଘଟଣାକୁ ବହୁ ସଂଖ୍ୟାରେ କମ କରିପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମେଡିକାଲ କଲେଜର ଆସୋସିଏଟ ପ୍ରଫେସର ଡକ୍ଟର ଶ୍ରଦ୍ଧା ସୁମନ ଯୋଗ ଦେଇ ବୁଡ଼ି ମରିବାର ଅନେକ ଗୁଡ଼ିଏ ବୈଜ୍ଞାନିକ ତଥ୍ୟ ଉପସ୍ଥାପନ କରିବା ସହିତ ସହଜରେ କିଭଳି ଜଣେ ବ୍ୟକ୍ତି ପହଁରି ପାରିବ ତାହା କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କମାଣ୍ଡାଣ୍ଟ ଶ୍ରୀ ନାୟକ ଅନେକ ସମୟରେ ଭୟ ଆମ ମୃତ୍ୟୁର କାରଣ ହୋଇଥାଏ ତେଣୁ ପ୍ରଥମେ ଜାଣିବା ଦରକାର ଯାହା ଦ୍ୱାରା ଭୟ ଦୂର କରି ସବୁ କ୍ଷେତ୍ରରେ ବିଜୟ ହୋଇପାରିବା। ଏଥି ସହିତ ଜଣେ କିଭଳି ଅତି ସହଜରେ ଘଣ୍ଟା ଘଣ୍ଟା ପାଣିରେ ଭାସି ପାରିବ ତାହାର ସହଜ ଉପାୟମାନ ବତାଇଥିଲେ। ଜୀବନ ଅତ୍ୟନ୍ତ ମୂଲ୍ୟବାନ ଓ ତାକୁ ସହଜରେ ନାଶ ହେବାକୁ ଦେବା ନାହିଁ। ନିଜର ସ୍ୱପ୍ନ, ପିତା ମାତାଙ୍କ ସ୍ୱପ୍ନ ପୂରଣ ତଥା ସମାଜ ଓ ଦେଶର ବୃହତ୍ତର ସ୍ୱାର୍ଥର ସୁରକ୍ଷା ପାଇଁ ‘ମୁଁ ପାରିବି ...ମୁଁ ହୋଇ ପାରିବି‘ ଏହି ଜିଦ ସଦା ସର୍ବଦା ରହିବା ଉଚିତ ବୋଲି ପ୍ରକାଶ କରିଥିଲେ। ସର୍ବ ଶେଷରେ ଓଡ୍ରାଫ୍ ର ମାଷ୍ଟର ଟ୍ରେନର ଶ୍ରୀ ଅରୁଣ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରକେଟ୍ ଆଟାକ ପରେ...

ସେମାନଙ୍କ ଘର ପୂରା ଛିନଛତ୍ର ହୋଇ ଯାଇଛି। ଏହାକୁ ନେଇ ଆଜି ବିଷ୍ଣୁପରରେ ପ୍ରବଳ ଉତ୍ତେଜନା ଦେଖା ଯାଇଥିଲା। ବିକ୍ଷୋଭକାରୀ ଆକ୍ରମଣକୁ ବିରୋଧ କରି ଜାତୀୟ ରାଜପଥରେ ଯାଉଥିବା ତେଲ ବୋଝେଇ ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି। ସେହିପରି ଆଉ କିଛି ସ୍ଥାନରେ ପୋଡ଼ା ଜଳା ହେବାରୁ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଲାଗୁ କରାଯାଇଛି। ଆଜି ସକାଳେ ବିକ୍ଷୋକାରୀମାନେ ପ୍ରଥମେ ୨ଟି ତୈଳ ବୋଝେଇ ଟ୍ୟାଙ୍କର ଓ ଗୋଟିଏ ଟ୍ରକକୁ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରେ ଜାଳି ଦେଇଥିଲେ। ସେମାନେ ପୁଲିସ୍ ଷ୍ଟେସନ ଆଗରେ ଟାୟାର ଜାଳିଛନ୍ତି ଓ ପୁଲିସ୍ ଆଉଟ ପୋଷ୍ଟକୁ ଭାଙ୍ଗି ଦେଇଛନ୍ତି। ଏହାବାଦ ଫି ଗେଲମୋଲ ଠାରେ ଥିବା ସିଆରପିଏଫ କ୍ୟାମ୍ପରେ ମଧ ଶତାଧିକ ଲୋକ ଧସେଇ ପଶି ଭଙ୍ଗାରୁଜା କରିଛନ୍ତି। ବିଷ୍ଣୁପୁର-ଚୁରଚାନ୍ଦପୁର ସୀମାରେ ଏପରି ଘଟଣା ଘଟିଛି। ଏହି ଅଞ୍ଚଳରେ ହିଁ କୁକି ଓ ମୈତେି ସଂପ୍ରଦାୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ବିକ୍ଷୋଭ ବୃଦ୍ଧି ପାଇବାରୁ ସୁରକ୍ଷାକର୍ମୀମାନେ ବାଧ ହୋଇ ଫାଙ୍କା ଗୁଳି ଚାଳନା କରିଛନ୍ତି। ସେହିପରି ଧୂଆଁ ବାହାରୁ ଥିବା ବୋମା ମାଡ଼ କରି ଭିଡ଼କୁ ନିୟନ୍ତ୍ରଣ କରିଛନ୍ତି। ଏହି ଘଟଣାରେ ୧୯ ଜଣ ଆହତ ହୋଇଥିବା ବେଳେ ଜଣେ ପ୍ରାଣ ହରାଇଥିବା କୁହାଯାଉଛି। ବିକ୍ଷୋଭ ବେଳେ ପୁଲିସ୍ ଗାଡ଼ି ମାଡ଼ କରିବାରୁ ବ୍ୟକ୍ତି ଜଣଙ୍କ ଆଖି ବୁଜିଥିବା ଅଭିଯୋଗ ହୋଇଛି।

### କଡ଼ ଲେଉଟାଇବ ରାଜ୍ୟ...

ସିଧାସଳଖ କହିବାକୁ ଗଲେ, ଦୀର୍ଘଦିନ ପରେ ପୁଣିଥରେ ରାଜ୍ୟ ରାଜନୀତିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପାଲଟିବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ । ବିଜେଡିରୁ କୋଣଠେସା ହୋଇଥିବା ଏକାଧିକ ପୁରୁଖା ଓ ତୁଙ୍ଗ ନେତା ଏବେ ବିଜୁଙ୍କୁ ଭରସିଛନ୍ତି । ବିଜୁଙ୍କ ଆଦର୍ଶକୁ ଆଗକୁ ନେଇ ରାଜ୍ୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛନ୍ତି । ବିଜେଡିରେ ବିଜୁଙ୍କ ଆଦର୍ଶକୁ ଜଳାଞ୍ଜଳି ଦିଆଯାଉଥିବା ଅଭିଯୋଗ ଆଣି ରାଜ୍ୟସଭା ନିର୍ବାଚନରେ ବିଜେଡିର ଅଙ୍କ ବିଗାଡିଥିଲେ ବିଜୁ ଅନୁଗତ ନେତାଙ୍କ ପୁଅ । ବିଜୁଙ୍କ ଆଦର୍ଶରୁ ଦୂରାଉଥିବାରୁ ବିଜେଡିରେ ଆଗକୁ ଜଟିଳ ସ୍ଥିତି ଦେଖାଦେବ ବୋଲି ସଂକେତ ଦେଇଥିଲେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ । ଯାହାର ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛନ୍ତି ବିଜୁ ଲିଗାସୀର ନେତା । ବିଜୁ ଲିଗାସିର ନେତା ଏକାଠି ହେଲେ କାହାକୁ ମିଳିବ ଫାଇଦା ? ବିଜେଡି ଭୋଟ୍‌ବ୍ୟାଙ୍କକୁ ଭାଗ ଭାଗ କରିଦେବ କି ବିଜୁ ଲିଗାସିର ନେତା ?

### ଓଡ଼ିଶା ଷ୍ଟିଲ୍ ସଂଘ ସହ...

ଆମ ଦେଶ ଆତ୍ମନିର୍ଭର ଦିଗରେ ବହୁ ପୂର୍ବରୁ କାମ ଆରମ୍ଭ କରି ଦେଇଛି ବୋଲି କହିଛନ୍ତି ଶିଳ୍ପପତି ନବୀନ ଜିନ୍ଦଲ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତ୍ମନିର୍ଭର ଉପରେ ପ୍ରାଧାନ୍ୟ ଦେଇଛନ୍ତି । ତେଣୁ ବର୍ତ୍ତମାନ ଆମ ଦେଶ ଏକ ମଜଭୁତ ସ୍ଥିତିରେ ଅଛି । ବହୁତ ଦେଶରେ ବିଜୁଳି ସଙ୍କଟ ଦେଖା ଦେଇଥିବା ବେଳେ ଆମ ଦେଶରେ ତାହା ନାହିଁ । କୋଇଲାରୁ ବିଜୁଳି ଉତ୍ପନ୍ନ ହେଉଛି । ତେଣୁ ସେଥିରେ ଆମେ ଆତ୍ମନିର୍ଭରଶୀଳ । ଶିଳ୍ପ କ୍ଷେତ୍ରରେ କିଛି ଦିନ ଗ୍ୟାସ ଅଭାବ ଦେଖା ଦେଇଥିଲା ବର୍ତ୍ତମାନ ତାହା ବି ଆଉ ନାହିଁ । ଜିନ୍ଦଲ ଷ୍ଟିଲ କୋଲ ଗ୍ୟାସିଫିକେସନ ଉପରେ କାମ କରିଛି । କୋଇଲାରୁ ଆମେ ଯେଉଁ ସିଂଥେସିସ ଗ୍ୟାସ ପ୍ରସ୍ତୁତ କରିଥିଲୁ ତାହା ଆଜି ବହୁତ କାମ ଦେଉଛି । ତେଣୁ ଆମେ ୮୦ ପ୍ରତିଶତ ବର୍ତ୍ତମାନ ଗ୍ୟାସ ଉପରେ ନିର୍ଭରଶୀଳ ନୁହେଁ ବୋଲି ସେ କହିଛନ୍ତି।

### ଗୋ-ମାଫିଆଙ୍କୁ ନିସ୍ତାର...

ବଣ୍ଡଲ୍ ବଣ୍ଡଲ୍ ନୋଟ୍। ଗୋ ତସ୍କରୀ ସିଣ୍ଡିକେଟର ମାଫିଆଙ୍କ ଧନସମ୍ପତ୍ତିକୁ ଯିଏ ଦେଖୁଛି ଚକିତ ହେଉଛି, ଯିଏ ଗଣୁଛି ସିଏ ନାକେଦମ୍ ହେଉଛି। ଏ ଚିତ୍ର ବାଲେଶ୍ୱର ଜିଲ୍ଲା ଖଇରା ଥାନା ସାରଡାଙ୍ଗ ପଞ୍ଚାୟତ ମୁସ୍ତାଫାବାଦ ଗାଁର। ଗୋମାଫିଆ ମେହେବୁବ ଖାଁଙ୍କ ଘରେ ଚଢ଼ାଉ କରି ନଗଦ ୧୨ ଲକ୍ଷ ୬୮ ହଜାର ଟଙ୍କା ସହ ସୁନା, ରୁପା ଏବଂ ୧୨ଟି ଜମି ପଟ୍ଟାର ଦଲିଲ ଜବତ କରିଛି ପୋଲିସ। ବାଲେଶ୍ୱର ଜିଲ୍ଲାର କେବଳ ଏହି ଗୋଟିଏ ସ୍ଥାନ ନୁହଁ, ସହରର ପୁଲ୍ ବଜାର, କଂସେଇ ମହଲା, ସୋର ଥାନା ବାରିକପୁର ସମେତ ମୋଟ୍ ୯ଟି ଜାଗାରେ ପୋଲିସ ଛାପା ମାରିଛି। ଜବତ କରିଛି ୨୧ ଲକ୍ଷ ୮୦ ହଜାରରୁ ଅଧିକ ନଗଦ ଟଙ୍କା ସହ ୧୩ଟି ଗାଡ଼ି। ଏ ତ ଥିଲା ଭାତ ହାଣ୍ଡିରୁ ଗୋଟିଏ। କାରଣ ଆଜି ସକାଳୁ ସକାଳୁ ପୂର୍ବାଞ୍ଚଳ ରେଞ୍ଜ ଅଧିନସ୍ଥ ୩ ଜିଲ୍ଲା ଯଥା ବାଲେଶ୍ୱର ସମେତ ଭଦ୍ରକ ଓ ମୟୁରଭଞ୍ଜର ପ୍ରାୟ ୩୨ଟି ସ୍ଥାନରେ ଏକାସଙ୍ଗେ ଛାପା ମାରିଛି ପୋଲିସ। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ତତ୍ତ୍ୱାବଧାନରେ ୩ ଜିଲ୍ଲାର ଏସପି ଆଜି ଏକାସଙ୍ଗେ ଗୋ ସିଣ୍ଡିକେଟ୍ ଉପରେ କରିଛନ୍ତି ବଡ଼ ପ୍ରହାର। ବାଲେଶ୍ୱର ଜିଲ୍ଲାର ୯ଟି, ଭଦ୍ରକର ୮ଟି ଏବଂ ମୟୁରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୫ଟି ସ୍ଥାନରେ ପୋଲିସ ଚଢ଼ାଉ କରି ଗୋ ମାଫିଆଙ୍କ ନିକଟରୁ ପୁଳା ପୁଳା ଟଙ୍କା ସହ ସୁନା ଗହଣା, କୋଠାବାଡ଼ି, ଗୋ ଚାଲାଣରେ ବ୍ୟବହୃତ ଯାନବାହନ ଏବଂ ଖଣ୍ଡା, କାତି ଓ ବନ୍ଧୁକ ସିଜ୍ କରିଛି। ଭଦ୍ରକ ରେଡବେଳେ ନଗଦ ୨୦ ଲକ୍ଷରୁ ଅଧିକ ଟଙ୍କା ସହ ଜବତ ହୋଇଛି କେଜିଏରୁ ଅଧିକ ସୁନା। ରାଇରଙ୍ଗପୁରର ଗୋ ମାଫିଆ ଶେଖ୍ ମସିଦ୍ ଜମାଲ ଘରେ ଚଢ଼ାଉ ବେଳେ ୯ ଲକ୍ଷ ନଗଦ ଟଙ୍କା, ୧୫ ଲକ୍ଷରୁ ଅଧିକ ଅଳଙ୍କାର, ସ୍କର୍ପିଓ ଏବଂ ବୁଲେଟ୍ ଜବତ କରିଛି ପୋଲିସ। କେବେ କ୍ଷୀର ଟ୍ୟାଙ୍କର ତ କେବେ ବିସ୍କୁଟ କଣ୍ଟେନର, କେବେ ନାମୀଦାମୀ କାର୍ ତ କେବେ ପିକଅପ୍ ଭ୍ୟାନ। ସବୁଦିନ ଚାଲିଛି ଗୋ ଚାଲାଣ। ଯାହାକୁ ନେଇ ଉଦବେଗ ପ୍ରକାଶ କରୁଛନ୍ତି ଲୋକେ। ଆକ୍ସନ ମୋଡକୁ ଆସିଛନ୍ତି ଗୋ ରକ୍ଷକ। ମିଳିଥିବା ସୂଚନା ଅନୁଯାୟୀ, ଗୋ ତସ୍କରୀର ବଡ଼ ଡନ୍ ହେଉଛି ମୟୁରଭଞ୍ଜର ଜମାଲ୍। ଯିଏ ଓଡ଼ିଶାରୁ ପଶ୍ଚିମବଙ୍ଗ ଗୋ ଚାଲାଣର ମୁଖ୍ୟ କାର୍ପଟଦାର। ତେବେ ଆଜି ଚଢ଼ାଉବେଳେ ଜମାଲ୍ ସହ ବାଲେଶ୍ୱରରୁ ୪, ଭଦ୍ରକରୁ ୬ ଓ ମୟୁରଭଞ୍ଜରୁ ପ୍ରାୟ ୬ ଜଣଙ୍କୁ ଧରିଛି ପୋଲିସ। ତେବେ ଏହି ସିଣ୍ଡିକେଟ୍ ପଛରେ ଆଉ କିଏ ? ଓଡ଼ିଶାରୁ ପଶ୍ଚିମବଙ୍ଗ ଯାଏଁ ଲମ୍ବିଥିବା ଗୋ ମାଫିଆଙ୍କ କେମିତି ଚାଲୁଛି ନେଟୱାର୍କ ? ଓଡ଼ିଶାରେ କାହା ଛତ୍ରଛାୟାରେ ଚାଲିଛି ଗୋ ତସ୍କରୀ ? ପୂର୍ବାଞ୍ଚଳ ପୋଲିସ ଏହାର ଚେର ଖୋଜିବା ସହ ସିଣ୍ଡିକେଟର ଅଣ୍ଟା ଭାଙ୍ଗିବାକୁ ପଣ କରିଛି। ରାଜ୍ୟରେ ଗୋ ସୁରକ୍ଷା ପାଇଁ ୧୯୬୦ ମସିହାର ପୁରୁଣା ଆଇନ ପ୍ରଚଳନ ରହିଛି। କିନ୍ତୁ କଠୋର ଆଇନ ଆଣିବା ପାଇଁ ବିଭିନ୍ନ ମହଲରେ ଦାବି ଉଠୁଥିବାବେଳେ ସରକାରୀ ସ୍ତରରେ କେବେ ନୂଆ ଆଇନ ଆସିବ ଏବଂ କାର୍ଯ୍ୟକାରୀ ହେବ ତାକୁ ଅପେକ୍ଷା।

### ଆଜି ରାତି ଇରାନ...

ଏହି ସମୟରେ, ଇରାନ ଅସ୍ଥାୟୀ ଯୁଦ୍ଧବିରତି ପାଇଁ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ନିଜର ଯୁବପିଢ଼ି, ଛାତ୍ରଛାତ୍ରୀ ଏବଂ କ୍ରୀଡ଼ାବିତ, କଳାକାର ମାନଙ୍କୁ ଦେଶର ସୁରକ୍ଷା ପାଇଁ ଆଗେଇ ଆସିବାକୁ ନିବେଦନ କରିଛି। ଇରାନ କହିଛି, ଦେଶର ବିଦ୍ୟୁତ୍ କେନ୍ଦ୍ର ଏବଂ ଭିତ୍ତିଭୂମି ହେଉଛି ଜାତୀୟ ସମ୍ପତ୍ତି ଏବଂ ଆଗାମୀ ପିଢ଼ିର ଭବିଷ୍ୟତ। ଏହାକୁ ରକ୍ଷା କରିବା ପାଇଁ ଯୁବକମାନେ ପାୱାର ପ୍ଲାଣ୍ଟଗୁଡ଼ିକ ଚାରିପଟେ ଏକ ବିଶାଳ ‘ମାନବ ଶୃଙ୍ଖଳା’ ତିଆରି କରନ୍ତୁ। ଯୁବପିଢ଼ି ଏକାଠି ହୋଇ ବିଶ୍ୱକୁ ଏହି ବାର୍ତ୍ତା ଦିଅନ୍ତୁ ଯେ ଇରାନବାସୀ ନିଜ ମାତୃଭୂମିକୁ ରକ୍ଷା କରିବା ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପ୍ରସ୍ତୁତ। ଦେଶ ପାଇଁ ପ୍ରାଣବଳି ଦେବାକୁ ପଛାଇବେ ନାହିଁ ବୋଲି ପ୍ରାୟ ୧୪ ନିୟୁତ ଯୁବକ ସ୍ୱେଚ୍ଛାକୃତ ଭାବେ ଆଗ୍ରହ ପ୍ରକାଶ କରିଥିବା ଇରାନ ଦାବି କରିଛି। ଇରାନ ଉପରେ ବଡ଼ ଧରଣର ଆକ୍ରମଣ ଯୋଜନା କରୁଛି କି ଇସ୍ରାଏଲ ? ଇରାନର ସାଧାରଣ ନାଗରିକଙ୍କ ପାଇଁ ଫାର୍ସୀ ଭାଷାରେ ଏକ ‘ଜରୁରୀ’ ଚେତାବନୀ ଜାରି କରାଯାଇଛି। ଏହି ସୂଚନାରେ ଇରାନବାସୀଙ୍କୁ ରେଳ ଷ୍ଟେସନ ଏବଂ ଟ୍ରେନ ଯାତ୍ରାରୁ ଦୂରେଇ ରହିବାକୁ ପରାମର୍ଶ । ସୂଚନା ଅନୁଯାୟୀ, ଇସ୍ରାଏଲ ଇରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ପରିବହନ ବ୍ୟବସ୍ଥାକୁ ଟାର୍ଗେଟ କରିପାରେ। ଚେତାବନୀ ପରେ ସମଗ୍ର ଇରାନରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଛି। ପ୍ରଶାସନ ପକ୍ଷରୁ ମଧ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରାଯାଉଛି। ତୁର୍କୀର ଇସ୍ତାନବୁଲ୍ ସହରରେ ଥିବା ଇସ୍ରାଏଲ୍ ଦୂତାବାସ ନିକଟରେ ଭୟଙ୍କର ଗୁଳିକାଣ୍ଡ ଘଟିଛି। ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ପୋଲିସ ଅଧିକାରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଦୂତାବାସ ବାହାରେ ସୁରକ୍ଷା ବଳ ଏବଂ ସନ୍ଦିଗ୍ଧ ଆକ୍ରମଣକାରୀଙ୍କ ମଧ୍ୟରେ ଜୋରଦାର ଗୁଳି ବିନିମୟ ହୋଇଥିଲା।ତୁର୍କୀ ଗୃହମନ୍ତ୍ରୀଙ୍କ ସୂଚନା ଅନୁସାରେ, ପୋଲିସ ପାଲଟା ଜବାବ ଦେଇ ତିନିଜଣ ଦୁର୍ବୃତ୍ତଙ୍କୁ ନିହତ କରିଛି। ଆକ୍ରମଣକାରୀମାନେ ଅତ୍ୟାଧୁନିକ ରାଇଫଲ୍ ଏବଂ ଗୁଳିଗୋଳା ସହ ଆସିଥିଲେ।

### ଆସାମ, କେରଳ...

ଦଳର ପ୍ରାର୍ଥୀମାନେ ଶେଷ ସମୟ ପର୍ଯ୍ୟନ୍ତ ପ୍ରଚାର କରିଥିଲେ । ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରିରେ ୩୦ଟି ବିଧାନସଭା ଆସନ ଲାଗି ପ୍ରଚାର ଶେଷ ହେଇଛି। ଏଠାରେ ମୋଟ୍ ୨୯୧ ଜଣ ପ୍ରାର୍ଥୀ ଶେଷଦିନରେ ଘମାଘୋଟ୍ ପ୍ରଚାର କରିଛନ୍ତି। ମୁଖ୍ୟତଃ ଡିଏମକେ ମେଣ୍ଟ, ଏନଡିଏ ଓ ଟିଭିକେ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ପ୍ରଚାରର ଶେଷଦିନରେ ସବୁ ଦଳର ପ୍ରାର୍ଥୀ ଜୋରଦାର ପ୍ରଚାର କରିଛନ୍ତି। ଏବେ ଏପ୍ରିଲ ୯ ତାରିଖରେ ଭୋଟ୍ ଗ୍ରହଣ ଓ ମେ ୪ ତାରିଖରେ ଗଣତି ଏବଂ ଫଳାଫଳ ଘୋଷଣାକୁ ଅପେକ୍ଷା ।

### ୨.୮ ଟନ୍ ଗଞ୍ଜେଇ ...

ଧାରା ୨୦(ବି) (୨) (ସି) ଅନୁସାରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଅଡବା ଓ ଆର ଉଦୟଗିରି ଥାନା ଅଂଚଳରେ ଗତ ୧୮.୧୧.୨୦୨୫ ରିଖଠାରୁ ୦୬.୦୪.୨୦୨୬ ରିଖ ମଧ୍ୟରେ ପୋଲିସ ନିଶା କାରବାର ବିରୋଧରେ ବ୍ୟାପକ ସଫଳତା ହାସଲ କରିଛି। ଏହି ସମୟ ମଧ୍ୟରେ ଅଡ଼ବା ଥାନା ଅଂଚଳରେ ୧୧ଟି ମାମଲା ରୁଜୁ କରାଯାଇ ମୋଟ ୯,୬୭୬ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଆର ଉଦୟଗିରି ଥାନା ଅଂଚଳରେ ୪ଟି ମାମଲାରେ ୨,୮୨୫ କେଜିରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ସର୍ବମୋଟ ୧୫ଟି ମାମଲାରେ ଜିଲ୍ଲା ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ ୧୨,୫୦୧ କେଜିରୁ ଅଧିକ (ପ୍ରାୟ ୧୨.୫୦୧ ଟନ୍) ବେଆଇନ ଗଞ୍ଜେଇ ଜବତ କରାଯାଇଛି। ବିଶେଷକରି କେଶରୀଗୁଡ଼ା ଅଂଚଳରୁ ୪,୦୪୦ କେଜି, ବୁରିପଦର ଅଂଚଳରୁ ୧୮୩୦ କେଜି ଏବଂ କାରିଗେଜୁ ଜଙ୍ଗଲରୁ ୨,୮୧୧ କେଜି ଭଳି ବିପୁଳ ପରିମାଣର ଗଞ୍ଜେଇ ଉଦ୍ଧାର କରାଯାଇ ନିଶା ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

୦୮ ଏପ୍ରିଲ ୨୦୨୬, ବୁଧବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଦ୍ୟାଳୟରେ ବର୍ଣ୍ଣବୋଧ ଦିବସ ପାଳିତ

ବସ୍ତା , ୦୭/୪ (ନି.ପ୍ର): ମଙ୍ଗଳବାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ'ଆଶା'ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟ ଏବଂ ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ଦିବସ ପାଳିତ ହୋଇଯାଇ ଛି। 'ଆଶା'ର ପ୍ରତିଷ୍ଠାତା,ସମ୍ପାଦକ,ଯୁବ ସମାଜସେବୀ ଡକ୍ଟର ଅମର କୁମାର ପାଳଙ୍କ ସହିତ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତି ବିଶ୍ୱାଳ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିବା ସହିତ ଏହାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଡ଼ଃ ପାଳ କହିଥିଲେ ଯେ ଭକ୍ତ କବି ମଧୁସୂଦନ ରାଓଙ୍କ ଦ୍ୱାରା ରଚିତ ଛବିଳ ମଧୁ ବର୍ଣ୍ଣବୋଧ ଓଡ଼ିଆ ଭାଷା ଶିକ୍ଷାର ଏକ ଲୋକପ୍ରିୟ ଓ ଭିତ୍ତିଭୂମି ପୁସ୍ତକ। ଏହା ଏକ ପାରମ୍ପରିକ ଶିକ୍ଷଣ ପୁସ୍ତକ ଯାହା ଆଜିବି ଓଡ଼ିଆ ଶିଖିବା ପାଇଁ ସବୁଠାରୁ ଭଲ ମାଧ୍ୟମ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିବା ସହିତ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ



ଉତ୍ସାହିତ କରିଥିଲେ। ଶେଷରେ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ସଦର ମହକୁମାଠାରେ ଜନଶୁଣାଣି

ଖୋର୍ଦ୍ଧା , ୦୭/୪ (ନି.ପ୍ର): ଆଜି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ , ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ କହିଲେ ଯେ ଜନ ଶୁଣାଣି କାର୍ଯ୍ୟକ୍ରମ ସୁଶାସନ ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ, ଏଣୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗର ସମାଧାନ କୁ ସ୍ଥଗିତ ନ ରଖି ସମାଧାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଭିଯୋଗ ଗୁଡ଼ିକୁ ସରକାର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୧୧୮ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୨ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୦୬ ଗୋଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୦୯ ଗୋଟି ଅଭିଯୋଗ ର ସମାଧାନ କରିଥିବାବେଳେ ସୁଜାତା ସାହୁ, ଗ୍ରାମ: ବଣିଆଟାଙ୍ଗି, ପୋଷ୍ଟ: ବାଜପୁର, ଗ୍ରା ପ: ବାଜପୁର, ବ୍ଲକ୍:ଖୋର୍ଦ୍ଧା ଙ୍କୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ୧୦ ହଜାର ଟଙ୍କା ଅନୁମୋଦନ କରିଥିଲେ । ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କଅଁର, ସମସ୍ତ ବି ଡି ଓ, ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ।

# କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କ ଆତ୍ମହତ୍ୟା

ବାଲିଆପାଳ , ୦୭/୪ (ନି.ପ୍ର): କାର୍ଯ୍ୟରତ ଥିବା ପ୍ରଧାନ ଶିକ୍ଷକ ବେକରେ ରଶି ଲଗାଇ ଆତ୍ମହତ୍ୟା । ସୁଚନା ଅନୁସାରେ ବାଲିଆପାଳ ବ୍ଲକ ଟଗରା ଗଦାଧର ସ୍ମୃତି ଉଚ୍ଚ ବିଦ୍ୟାପୀଠର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଦେବତୋଷ କୁମାର ଦତ୍ତ ସମୋବାର ମଧରାତ୍ରରେ ବଡାଶ ପଞ୍ଚାୟତର ମାଣିକ ସିମୁଳିଆ ସ୍ଥିତ ନିଜ ଘର ବାଡ଼ିରେ ଥିବା ଗଛ ରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମା ହତ୍ୟା ର କାରଣ ଅସ୍ପଷ୍ଟ ରହିଥିବା ବେଳେ ପରିବାର ଲୋକେ, ଗ୍ରାମବାସୀ ଏବଂ ଶିକ୍ଷକ ସଂଘ ସ୍ୱର୍ଗତ ପ୍ରଧାନ ଶିକ୍ଷକ ମାନସିକ ଚାପ ରେ ଏମିତି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ଅଭିଯୋଗ କହିଛନ୍ତି। ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି କରିବା ସହିତ ପୋଷ୍ଟମର୍ଟମ ପାଇଁ ପଠାଇଛି।

# ଜିଲ୍ଲାସ୍ତରୀୟ ବର୍ଣ୍ଣବୋଧ ଦିବସ ଉତ୍ସାହ ଓ ଆନନ୍ଦର ସହିତ ଅନୁଷ୍ଠିତ

ଭଦ୍ରକ , ୦୭/୪ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ଅନୁକୂଳ୍ୟରେ ଆଜି ଭଦ୍ରକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବର୍ଣ୍ଣବୋଧ ଦିବସ ଉତ୍ସାହ ଓ ଆନନ୍ଦର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷାର ମୂଳ ଅକ୍ଷର ଓବର୍ଣ୍ଣବୋଧ ବିଷୟରେ ସଚେତନ କରାଯାଇଥିଲା। ବିଭିନ୍ନ ଶିକ୍ଷାମୂଳକ କାର୍ଯ୍ୟକ୍ରମ, ପାଠ ପଢ଼ା ଓ ଆଲୋଚନା ମାଧ୍ୟମରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ବୃଦ୍ଧି କରାଯାଇଥିଲା।ଏହି ଉତ୍ସବ ପାଳନ ଅବସରରେ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେଠାରେ ଉପସ୍ଥିତ ଥିବା ପିଲାମାନଙ୍କୁ ବର୍ଣ୍ଣବୋଧର



ଉପକାରିତା ଓ ଓଡ଼ିଆ ଭାଷାର ମହତ୍ତ୍ୱ ବିଷୟରେ କହିଥିଲେଏହି କାର୍ଯ୍ୟକ୍ରମରେ ବର୍ଣ୍ଣବୋଧ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଅଧାପକ ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀ ଅଭୟ ଦାସ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀମତୀ ମନୋରମା ନାୟକ, ସାହିତ୍ୟିକ ଅଭୟ ସୁତାର ଓ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧାପକ ଶ୍ରୀ ଦତ୍ତାତ୍ରେୟ ଦାଶ ପ୍ରମୁଖ ଯୋଗଦେଇ ବର୍ଣ୍ଣବୋଧର ଗୁରୁତ୍ୱ ଓ ଏହାର ସମସ୍ତ ଓଡ଼ିଆଙ୍କ ପ୍ରତି ଅବଦାନ ବିଷୟରେ ପିଲାମାନଙ୍କୁ ଅବଗତ କରାଇଥିଲେ।ଜିଲ୍ଲା ଶିକ୍ଷା ଅଧିକାରୀ ଡା. ଜଗନ୍ନାଥ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ଗଣପ୍ରତିନିଧିମାନେ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ଏହି ପ୍ରୟାସକୁ ସଫଳ କରିବା ସହ ପିଲାମାନଙ୍କ ଉତ୍ସାହ ବଢାଇଥିଲେ।

# ସ୍ୱର୍ଗତ ଅଞ୍ଜନ କୁମାର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବାଲିଆପାଳ , ୦୭/୪ (ନି.ପ୍ର): ବାଲିଆପାଳ ବ୍ଲକ କଣ୍ଟାଡିହା ଗ୍ରାମ ର ଜଣେ ଜଣାଶୁଣା ସମାଜସେବୀ ତଥା ପରୋପକାରୀ ଅତ୍ୟନ୍ତ ଭଲ ମଣିଷ ସ୍ୱର୍ଗତ ଅଞ୍ଜନ କୁମାର ବେହେରାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ତାଙ୍କର ଅତ୍ୟନ୍ତ ପ୍ରିୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା ପୌରହିତ୍ୟ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏତଦବ୍ୟତୀତ ସ୍ୱର୍ଗତ ବେହେରାଙ୍କର ବଡ଼ଭାଇ ପୂର୍ଣ୍ଣଚନ୍ଦ୍ର ବେହେରା ମଝିଆଁ ଭାଇ ଘନଶ୍ୟାମ ବେହେରା ଚନ୍ଦନ କୁମାର ବେହେରା ପୁତୁରା ମାନସ , ଦୁଇ ଝିଅ, କୁନି ପୁଅପନ୍ନୀ ସହ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଏବଂ ସୁବର୍ଣ୍ଣରେଖା ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ବନ୍ଧୁ ଅନାଦି ଚରଣ ଗିରି, ଅରବିନ୍ଦ ସାମଲ କମଲଲୋଚନ ସାମଲ ଝାଡେଶ୍ୱର ପ୍ରଧାନ ବୀର ମାଧବ ଦାସ, ଅଜୟ କୁମାର ପ୍ରଧାନ,ସାନ୍ତନୁ ଭଦ୍ର,ଗଙ୍ଗା ଧରି ରଣା, ଘନଶ୍ୟାମ ବେହେରା , ଡଃ କାଳିପଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ଆତ୍ମାର ସଦଗତି କାମନା କରିଛନ୍ତି ।

# ଓଡ଼ିଆ ପକ୍ଷ- ୨୦୨୬ର "ଶିଶୁ କଥା ଦିବସ": ବର୍ଣ୍ଣବୋଧ, ଶିଶୁଲେଖା, ଭାଗବତ ପୁସ୍ତକ ବଣ୍ଟନ

ବାଲେଶ୍ୱର, ୦୭/୪ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପାଳନ କରାଯାଉଥିବା ଓଡ଼ିଆ ପକ୍ଷ- ୨୦୨୬ର ମଙ୍ଗଳବାର ଥିଲା ସପ୍ତମ ଦିନ । ଏହି ଅବସରରେ ସହଦେବଖୁଣ୍ଟାସ୍ଥିତ ଫିରିଙ୍ଗୀପାଟଣା ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ "ଶିଶୁ କଥା ଦିବସ' ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ମାନ୍ୟବର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ସଦର ବିଇଓ ଯୋଗେଶ୍ୱର ଜେନା



ଉପସ୍ଥିତ ଥିଲେ । ସେମାନେ ବର୍ଣ୍ଣବୋଧ ଓ ଶିଶୁଲେଖା ବଣ୍ଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷାର ମହତ୍ତ୍ୱ ସମ୍ବନ୍ଧରେ ବୁଝାଇଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବାଲେଶ୍ୱରଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟାଳୟରେ ପ୍ରୟାସ ବୃଦ୍ଧାଶ୍ରମ, ସାହାରା ବୃଦ୍ଧାଶ୍ରମ, କପିଳ ମୁନୀ ବୃଦ୍ଧାଶ୍ରମ, ଅମୃତଧାରା ବୃଦ୍ଧାଶ୍ରମ ଓ ବରିଷ୍ଠ ନାଗରିକ ମଞ୍ଚଙ୍କୁ ଭାଗବତ ପୁସ୍ତକ ବଣ୍ଟନ କରାଯାଇଥିଲା । ଦୈନିକ ଭାଗବତ ପଠନ ସହ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ଅନୁଷ୍ଠାନର ସଭାପତି/ସମ୍ପାଦକ ଓ ଅନ୍ତେବାସୀ ଭାଗବତ ପୁସ୍ତକ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ଉପସ୍ଥିତ ଥିଲେ । ଅନୁରୂପ ଭାବେ ଜିଲ୍ଲାର ଅନ୍ୟାନ୍ୟ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସେଥିରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ସରକାରୀ ଅଧିକାରୀ ଯୋଗ ଦେବା ସହ ବର୍ଣ୍ଣବୋଧ ଓ ଶିଶୁଲେଖା ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ଶିଶୁ ଲେଖା ଦିବସ ପାଇଁ ଜିଲ୍ଲାକୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ୩୦୦ ଖଣ୍ଡ ଲେଖାଏଁ ବର୍ଣ୍ଣବୋଧ, ଶିଶୁଲେଖା ପୁସ୍ତକ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୫ଟି ଭାଗବତ ପୁସ୍ତକ ବଣ୍ଟନ ପାଇଁ ଆସିଥିଲା।

# ଖରିଫ ଅବଧି ଶେଷ: ନୀଳଗିରି ଲ୍ୟାମ୍ପ ଅଧୀନରେ ଏବେବି ୮୧୫ ପଞ୍ଜିକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଥିବା ତଥ୍ୟଦେଲେ ପୂର୍ବତନ ବିଧାୟକ ସୁକାନ୍ତ

ନୀଳଗିରି , ୦୭/୪ (ନି.ପ୍ର): ରାଜ୍ୟସରକାର ମାର୍ଚ୍ଚ୩୧ତାରିଖ ଖରିଫଋତୁରେ ଅମଳହୋଇଥିବା ଧାନବିକ୍ରି ପାଇଁ ଶେଷଅବଧି ରଖିଥିଲେ। ଇତିମଧ୍ୟରେ ଅବଧି ଶେଷହୋଇସାରିଥିଲେ ମଧ ନୀଳଗିରି ଲ୍ୟାମ୍ପ ଅଧୀନରେ ଥିବା ୯ଟି ଧାନମଣ୍ଡିରେ ୮୧୫ଜଣ ପଞ୍ଜୀକୃତଚାଷୀ ସେମାନଙ୍କର କଷ୍ଟଅର୍ଜିତ ଧାନକୁ ସରକାରୀ ଦରରେ ବିକ୍ରିକରିବାରୁ ବଂଚିତ ହୋଇଛନ୍ତି। ସେମାନଙ୍କ ଧାନ କେବେ ଉଠିବ ସେନେଇ ଆଶାଆଶଙ୍କାରେ ଚାଷୀ। ଏନେଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏହି ଏକ ତଥ୍ୟ ସମ୍ବଳିତ ରିପୋର୍ଟ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ସମବାୟସମିତି ଅଧିନରେ ଥିବା ଧାନକ୍ରୟ କେନ୍ଦ୍ର ଯଥା:-ପୁନ୍ଦାଳରେ ୧୦ଜଣ ଚାଷୀଙ୍କର ୩୩୫.୨୯କ୍ୱିଣ୍ଟାଲ, କାଂଶ ଅଧୀନରେ ୧୭ଜଣ ଚାଷୀଙ୍କ ୭୩୧.୮୯କ୍ୱିଣ୍ଟାଲ, ମିତ୍ରପୁରରେ ୩୨୨ଜଙ୍କର ୧୦.୦୩୦କ୍ୱିଣ୍ଟାଲ, ଅଯୋଧା ଅନ୍ତର୍ଗତ ୫୧ଜଣ ଚାଷୀଙ୍କ ୧୬୪୭.୮୯କ୍ୱିଣ୍ଟାଲ, ଅମ୍ବିକାପୁର ଅଧୀନରେ ୬୯ଜଣ ଚାଷୀଙ୍କ ୧୯୬୨.୭୮କ୍ୱିଣ୍ଟାଲ, ସିଆଡିମାଳରେ ୬୪ଜଣ ଚାଷୀଙ୍କ ୧୯୧୮.୩୮କ୍ୱିଣ୍ଟାଲ, ସଜନାଗଡ ଅଧୀନରେ ୨୨୯ଜଣ ଚାଷୀଙ୍କର ୬୫୯୬.୬୧କ୍ୱିଣ୍ଟାଲ, ମହିଷାପଟା ଅଧୀନସ୍ଥ ୧୪ଚାଷୀଙ୍କ ୫୧୭.୦୭କ୍ୱିଣ୍ଟାଲ ଏବଂ ଭଉଁରିଆବାଡ ଅନ୍ତର୍ଗତ ୩୯ଜଣ ଚାଷୀଙ୍କର ୧୫୮୦କ୍ୱିଣ୍ଟାଲ ପାଖାପାଖି ୨୫୩୨ଟନ୍ ଧାନ ମହଜୁଦ ରହିଥିବା ସୂଚନା ଦେଇଛନ୍ତି। ତେବେ ମିଲର ଏବଂ ପରିବହନ ସଂସ୍ଥାପାଇଁ ଏଭଳି ସମସ୍ୟା ଉପୁଜୁଥିବା ବିଭାଗୀୟ ଅଧିକାରୀ ସୂଚନା ଦେଉଥିବାବେଳେ ପ୍ରଶାସନ ପକ୍ଷରୁ ଉଭୟ ସଂସ୍ଥାରେ ସମନ୍ୱୟ ରକ୍ଷାକରି ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କ ଠାରେ ଦାବିକରିଛନ୍ତି।ମହଜୁଦ ରହିଥିବା ଧାନ କେବେ ଉଠିବ ଏବଂ କେବେ ଚାଷୀମାନଙ୍କର ଆଶଙ୍କା ଦୂରହେବ, ତାହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାର ନକଲ ମଧ ବାଲେଶ୍ୱର ଜିଲ୍ଲାପାଳ, ଚିଫ୍ ସିସିଓ , ଡିଆରସିଏସ ବାଲେଶ୍ୱରଙ୍କ ଅବଗତ ନିମନ୍ତେ ଜଣାଇଥିବା ସୂଚନା ରହିଛି।

# ଏକାଦଶ ସଂସ୍କରଣ: ଇଶାଣୀ ବୈଶାଖୀ ମହୋତ୍ସବ କମିଟିର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୦୭/୪ (ନି.ପ୍ର): ଭାରତପରି ଗୋଟିଏ ଦେଶର ପ୍ରଗତି ପଛରେ ଥାଏ କେତୋଟି ଗ୍ରାମାଞ୍ଚଳର ଏକତାପୂର୍ଣ୍ଣ ସଂହତି। ଅନୁନ୍ନତ ଅଂଚଳର ଏକତା ଓ ସଂହତି ହିଁ ବିକଶିତ କରାଇଥାଏ ଗୋଟିଏ ଜିଲ୍ଲା ଓ ପ୍ରଦେଶକୁ। ଯାହା ଦୀର୍ଘ ୭୬ବର୍ଷ ସ୍ୱାଧୀନତା ପରେ ବି ଆମ ଦେଶର ଅର୍ଦ୍ଧବିକଶିତ ଗ୍ରାମାଞ୍ଚଳ ପଛରେ ପଡ଼ିଛି ବୋଲି ସ୍ୱୀକାର କରୁଛୁ। ସ୍ଥାନୀୟ ବାଲେଶ୍ୱର ଜିଲ୍ଲା ସହର ଉପକଣ୍ଠରୁ ମାତ୍ର ଦୁଇ କିଲୋମିଟର ଦୂର ଐତିହାସିକ ସିନ୍ଦୂରୀ ଚାଉଳିଆ ବର ଓ ଇଶାଣୀ ମିନି ଷ୍ଟାଡିୟମ୍ର ପଡ଼ିଆରେ ହୋଇଆସୁଥିବା ଇଶାଣୀ ବୈଶାଖୀ ମହୋତ୍ସବ, ବିଶାଳ ଉଡ଼ାଯାତ୍ରା ଓ ୨୯ତମ ମା' ବାସନ୍ତୀ ପୂଜା ପଛରେ ସହଯୋଗର ହାତ ବଢ଼ାଇ ଆସିଛନ୍ତି ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳର ୪୦ରୁ ଊର୍ଦ୍ଧ୍ୱ ଗାଁର ଗ୍ରାମବାସୀମାନେ। ଅନେକ ଘାତପ୍ରତିଘାତ, ପ୍ରତିକୂଳ




ପ୍ରତିବନ୍ଧକ ସତ୍ତ୍ୱେ ହଜାର ହଜାର ଲୋକଙ୍କର ସମାଗମ ଏହି କାର୍ଯ୍ୟକ୍ରମର ସଫଳତା ଆଣିଦେଇଛି। ଗତ ମାର୍ଚ୍ଚ ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ମା' ବାସନ୍ତୀ ପୂଜା ମହା ଆଡ଼ମ୍ବରରେ ପାଳନ କରାଯାଇଥିବାବେଳେ ଆଗାମୀ ଏପ୍ରିଲ୍ ୧୦ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ବୈଶାଖୀ ମହୋତ୍ସବ ଏବଂ ବିଶାଳ ଉଡ଼ାଯାତ୍ରାର ଆୟୋଜନ କରାଯାଇଅଛି। ଏହି ଅବକାଶରେ ପ୍ରତିଷ୍ଠିତ ଲବଣ ସତ୍ୟାଗ୍ରହ ସ୍ମାରକୀ ମିନି ଷ୍ଟାଡିୟମ୍ ପଡ଼ିଆରେ ସବୁବର୍ଷ ପରି ବିଧିବଦ୍ଧ ଭାବରେ ଅନୁଷ୍ଠିତ ହେବାକୁ ଥିବା ଏକାଦଶତମ ବୈଶାଖୀ ମହୋତ୍ସବରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଥିବାବେଳେ ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଓ ଉଡ଼ାଯାତ୍ରା ଉତ୍ସବରେ ପ୍ରାକ୍ତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା, ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ରହିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟିର ସଭାପତି ବରିଷ୍ଠ ଆଇନଜୀବୀ ଅଶୋକ ସେନାପତି, ସମ୍ପାଦକ ଭାଗବତ ସାହୁ, କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ସମେତ ସାରିକା କର, ସନାତନ ବେହେରା, ଦୀନବନ୍ଧୁ ବେହେରା, ଦୀନବନ୍ଧୁ ଦାସ, ମହେନ୍ଦ୍ର ମହାଳିକ, ଅଜୟ ବେହେରା, ନରେନ୍ଦ୍ର ଦାସ, ପ୍ରଫୁଲ୍ଲ ନାୟକ, ଶ୍ରୀକାନ୍ତ ଦାସ, ଗଙ୍ଗାଧର ଦାସ, କାହ୍ନୁଚରଣ ସେଠୀ, ରମେଶ ଚନ୍ଦ୍ର ବେହେରା, ଜିତେନ୍ଦ୍ର ସ୍ୱାଇଁ, ଡମ୍ବରୁଧର ଦାସ ଓ ସୂର୍ଯ୍ୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଉତ୍ସବକୁ ସ୍ଥାନୀୟ ଜନସାଧାରଣ ଓ ବାଲେଶ୍ୱର ସହରବାସୀ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରି ସଫଳ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି।

# ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ବିଭାଗୀୟ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୦୭/୪ (ନି.ପ୍ର): ୭୮ ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ସଂଯୁକ୍ତ ବିଭାଗ ସହ କାର୍ଯ୍ୟ ପ୍ରଗତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର, ବିଏମ୍ ସି ଷ୍ଟାଣ୍ଡିଂ କମିଟି ଅଧକ୍ଷ, ଅଧକ୍ଷା, କର୍ପୋରେଟର ଓ ବରିଷ୍ଠ ଅଧିକାରୀଙ୍କ ସହ ବିଡିଏ, ପୂର୍ତ୍ତ ବିଭାଗ, ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସଂପର୍କ ବିଭାଗ, ଗୃହ ବିଭାଗ, ପର୍ଯ୍ୟଟନ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, କମିଶନରେଟ ପୋଲିସ, ଟ୍ରାଫିକ୍ ପୋଲିସ, ଅଗ୍ନିଶମ ବିଭାଗ, ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ, ୱାଟକୋ, ଟିପିସିଓଡିଏଲ୍, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ଆଦିର ପ୍ରତିନିଧିମାନେ ଏହି ବୈଠକରେ ଯୋଗଦେଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପୋଲିସ କଲର୍ସ ଆୱାର୍ଡ଼ ପ୍ରଦର୍ଶନ କଲେ ଡିଜିପି

ଭୁବନେଶ୍ୱର, ୦୭/୪ (ନି.ପ୍ର): ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ମଙ୍ଗଳବାର ଦିନ ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିକଟରେ ରାଷ୍ଟ୍ରପତିଙ୍କ 'ପୋଲିସ କଲର୍ସ ଆୱାର୍ଡ଼' ପ୍ରଦର୍ଶନ କରିଛନ୍ତି । ଆଇନ ଶୃଙ୍ଖଳା ଏବଂ ଲୋକଙ୍କ ସୁରକ୍ଷା ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଓଡ଼ିଶା ପୋଲିସ ହାସଲ କରିଥିବା ଏହି ମର୍ଯ୍ୟାଦାଜନକ ସମ୍ମାନ ରାଜ୍ୟ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି କହିବା ସହ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶା ପୋଲିସ ହାସଲ କରିଥିବା ମର୍ଯ୍ୟାଦାଜନକ 'ରାଷ୍ଟ୍ରପତିଙ୍କ ପୋଲିସ କଲର୍ସ ଆୱାର୍ଡ଼' ଆମ ରାଜ୍ୟ ପାଇଁ ଏକ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଗୃହ ମନ୍ତ୍ରୀ ଭାବେ, ଆମ ପୋଲିସ ବାହିନୀର ଏହି ଅସାଧାରଣ ସଫଳତା ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ। ଏହି ସମ୍ମାନ ଓଡ଼ିଶା ପୋଲିସର ସାହସିକତା, ଉତ୍ସର୍ଗୀକୃତ ଜନସେବା ଏବଂ ଅପରିସୀମ ନିଷ୍ଠାର ଏକ ଶ୍ରେଷ୍ଠ ପ୍ରତିଫଳନ। ଦେଶର ଅଗ୍ରଣୀ ପୋଲିସ ବାହିନୀ ଗୁଡିକ ମଧ୍ୟରେ ଓଡ଼ିଶା ପୋଲିସ ଏହି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ।

# ଗ୍ରୀଷ୍ମ ପ୍ରବାହ ପାଇଁ ମଧ୍ୟାହ୍ନରେ ହାଟ ବନ୍ଦ ନିଷ୍ପତ୍ତି: ଜିଲ୍ଲା ପ୍ରଶାସନ

ବାରିପଦା, ୦୭/୪ (ନି.ପ୍ର): ଗ୍ରୀଷ୍ମ ପ୍ରବାହର ତୀବ୍ରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ ତରଫରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି କ୍ରମରେ ଜିଲ୍ଲାର ସମସ୍ତ ଦୈନିକ ଓ ସାପ୍ତାହିକ ହାଟଗୁଡ଼ିକୁ ପୂର୍ବାହ୍ନ ୧୧ଟାରୁ ସଂନ୍ଧ୍ୟା ୪ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଆଦେଶ ଜାରି ହୋଇଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଦ୍ୱାରା ଜାରି ଏହି ଆଦେଶ ତତକ୍ଷଣାତ୍ ପ୍ରଭାବୀ ହେବା ସହ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବଳବତ୍ତର ରହିବ ବୋଲି କୁହାଯାଇଛି । ଦିନ ମଝିରେ ବଢୁଥିବା ତାପମାତ୍ରା ଓ ତୀବ୍ର ଗରମ ଫଳରେ ହାଟ ଅଞ୍ଚଳରେ ସତର୍କତା ପଦକ୍ଷେପ ସ୍ୱରୂପ ଏପରି ପଦକ୍ଷେପ ନିଆଯାଇଛି । ଅଧିକ ଟାଣ ଖରାରେ ହିଟ୍ ଷ୍ଟ୍ରୋକ୍ ଓ ଡିହାଇଡ୍ରେସନ୍‌ରେ ଆକ୍ରାନ୍ତ ହେଉଥିବାରୁ ଜନସାଧାରଣଙ୍କୁ ଅନାବଶ୍ୟକ ଭାବେ ବାହାରକୁ ନଯିବା, ପର୍ଯ୍ୟାପ୍ତ ପାଣି ପିଇବା ଓ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବିଡ଼ିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ (ନଗର ପ୍ରଶାସନ)କୁ ଏହାର କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ୍ ବିଭାଗକୁ ମଧ ସମସ୍ତ ଘଟଣା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida